ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.140 Bhubaneswar Sunday July 17 2022 | ୨୫ତମ ବର୍ଷ ସଂଖ୍ୟା–୧୪୦ ଭୁବନେଶ୍ୱର, ରବିବାର, ଜୁଲାଇ ୧୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ପଶ୍ଚିମବଙ୍ଗ ରାଜ୍ୟପାଳ ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ

ନୂଆଦିଲ୍ଲୀ, ୧୬।୭(ପି.ଏନ): ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଏନ୍?ଡିଏ। ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ହୋଇଛନ୍ତି ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ। ବିଜେପି ସଂସଦୀୟ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଘୋଷଣା କରିଛନ୍ତି। ଉକ୍ତ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ନୀତିନ ଗଡକରୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ବିଜେପି ସାଧାରଣ ସମ୍ପାଦକ ବିଏଲ ସନ୍ତୋଷ ପ୍ରମୁଖ ଯୋଗ ଦେଇଥିଲେ।ଆଲୋଚନା ପରେ ଧନକରଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଆଜି ଅପରାହ୍ନରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ।ପୂର୍ବତନ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ମୁକ୍ତାର ଅବାସ ନକଭି ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରିକି କେରଳର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ଥିଲା। ହେଲେ ବିଜେପି ଜଗଦୀପ ଧନକରଙ୍କୁ ପ୍ରାର୍ଥୀ କରିଛି। ୨୦୧୯ରେ ଜଗଦୀପ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଜଗଦୀପଙ୍କ ତିକ୍ତ ସମ୍ପର୍କ ଚର୍ଚ୍ଚାରେ ରହିଆସିଛି। ଉଭୟେ ଅନେକ ସମୟରେ ମୁହାଁମୁହିଁ ହୋଇ ଥିବା ଜଣାଯାଏ। ଏମିତିକି କଥା ବ୍ୟକ୍ତିଗତ ଆକ୍ଷେପ-ପ୍ରତିଆକ୍ଷେପ ପର୍ଯ୍ୟନ୍ତ ଯାଇଛି। ସେ ବାରମ୍ବାର ବେଙ୍ଗଲର ଶାସକ ଦଳ ବିରୋଧରେ ସାମ୍ପ୍ରଦାୟିକ ଉତ୍ତେଜନା, ତୁଷ୍ଟୀକରଣ ଓ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଅଭିଯୋଗ ଆଣୁଥିଲେ।ତେବେ ଗତ ବୁଧବାର ଦିନ ମମତା ବାନାର୍ଜୀ ରାଜ୍ୟପାଳ ଧନକଡଙ୍କୁ ଭେଟିଥିଲେ। ତେବେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ଓ ଏହି ଅବସରରେ ରାଜନୀତି ସମ୍ପର୍କରେ ଅଥବା ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ କୌଣସି ଆଲୋଚନା ହୋଇନଥିଲା ବୋଲି ମମତା କହିଥିଲେ । ଧନକର ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଲୋକସଭା ସାଂସଦ ଥିଲେ । ସେ ମଧ ଜଣେ ଜଣେ ସୁପ୍ରିମକୋର୍ଟ ଓକିଲ ଭାବେ ପରିଚୟ ଲାଭ କରିଛନ୍ତି। ସୂଚନା ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ଜୁଲାଇ ୫ରେ ବିଜ୍ଞପ୍ତି ଜାରି ହୋଇଥିଲା । ଏଥିପାଇଁ ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଜୁଲାଇ ୧୯ ରଖାଯାଇଛି । ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ ।



## ମାସ୍କ ନପିନ୍ଧିଲେ ଦୋକାନରୁ ଜିନିଷ ମନା

ଭୁବନେଶ୍ୱର, ୧୬।୭(ପି.ଏନ): ରାଜଧାନୀରେ କରୋନା ସଂକ୍ରମଣ ବଢୁଥିବା ବେଳେ ଆହୁରି ଶକ୍ତ ହୋଇଛି ବିଏମସି। ଏଣିକି ମାସ୍କ ନପିନ୍ଧିଲେ ଦୋକାନରୁ ଜିନିଷ ମିଳିବନି କିମ୍ବା ପେଟ୍ରୋଲ ପମ୍ପ୍ ରେ ତେଲ ମିଳିବନି। ଏଭଳି କଟକଣା ଲାଗୁ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଶନିବାର ବିଏମସି ପକ୍ଷରୁ ଏକ ନୋଟିସ୍ ଜାରି କରି ମାସ୍କ ନପିନ୍ଧିଥିଲେ ଗ୍ରାହକଙ୍କୁ ଜିନିଷ ନଦେବା ପାଇଁ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦୋକାନ ଆଗରେ 'ନୋ ମାସ୍କ ନୋ ଏଂଟ୍ରି', 'ନୋ ମାସ୍କ ନୋ ଗୁଡ୍ସ' ଲେଖିବା ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ପିନ୍ଧିନଥିଲେ ତେଲ ନଦେବାକୁ ପେଟ୍ରୋଲ ପମ୍ପ ମାଲିକଙ୍କୁ ନିର୍ଦ୍ଦେଶ ଦେଇଛି ବିଏମସି। ବିଏମସି କହିଛି ରାଜଧାନୀରେ ଥିବା ସମସ୍ତ ମଲ୍ , ଦୋକାନ ର ମାଲିକମାନେ ସେମାନଙ୍କ କର୍ମଚାରୀ ଓ ଗ୍ରାହକ ମାସ୍କ ପିନ୍ଧିଥିବା ନେଇ ନିଶ୍ଚିନ୍ତ କରିବେ। ଦୋକାନ ବାହାରେ 'ନୋ ମାସ୍କ ନୋ ଏଂଟ୍ରି', 'ନୋ ମାସ୍କ ନୋ ଗୁଡ୍ସ' ଲେଖିବେ। ପେଟ୍ରୋଲ ପମ୍ପ ମାଲିକମାନେ ମଧ୍ୟ ମାସ୍କ ନପିନ୍ଧିଥିବା ବ୍ୟକ୍ତିଙ୍କୁ ତେଲ ନଦେବାକୁ କୁହାଯାଇଛି। ଏହା ବ୍ୟତୀତ ସରକାରୀ ଓ ବେସରକାରୀ ଅଫିସ୍ କର୍ମଚାରୀମାନେ କେବଳ ଖାଇବା ବ୍ୟତୀତ ଅନ୍ୟ ସବୁ ସମୟରେ ମାସ୍କ ପିନ୍ଧିବେ। ସେହିପରି ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ମାନିବା ଏବଂ ସ୍ୱଚ୍ଛତା ବଜାୟ ରଖିବାକୁ କହିଛି ବିଏମସି।

## ୯ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୬।୭(ପି.ଏନ): ଉପକୂଳ ଓଡ଼ିଶା ଅଂଚଳରେ ଥିବା ଲଘୁଚାପ ବର୍ତମାନ ଉତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ସମୁଦ୍ର ମଧ୍ୟରେ ଉତର ଓଡିଶା ଏବଂ ପଶ୍ଚିମ ବଙ୍ଗ ଉପକୂଳରେ ସକ୍ରିୟ ଏବଂ ଏହା ସହ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି। ସେହିପରି ମୌସୁମୀ ଜନିତ ନିମ୍ନ-ଚାପ ରେଖା ଆଜି ଉତରପୂର୍ବ ଆରବସାଗର ଅଂଚଳର ଅବପାତର କେନ୍ଦ୍ର ରୁ ବାହାରି, ଭାବାନଗର , ଇନ୍ଦୋର,ଜବଲପୁର, ପେନ୍ଦ୍ରା ରୋଡ଼, ଝାରସୁଗୁଡା, ଉତର-ଓଡିଶା - ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ କେନ୍ଦ୍ର ମଧ ଦେଇ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଯାଏଁ ଲମ୍ବିଛି। ଏହି ନିମ୍ନ ଚାପ ରେଖା ବାୟୁମଣ୍ଡଳରେ ୧.୫କିମି ଉଚ୍ଚତା ଯାଏଁ ବ୍ୟାପିଛି। ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୯ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୩ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ରବିବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼, ଗଂଜାମ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।ଏହି ସମୟ ମଧ୍ୟରେ ନୟାଗଡ଼, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ନୂଆପଡା ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।ସେହିପରି ୧୭ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବରଗଡ, ନୂଆପଡା, ବଲାଙ୍ଗିର , ଝାରସୁଗୁଡା, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଜୁଲାଇ ୨୦ରୁ ଯୁକ୍ତ ୨ ନାମଲେଖା ଆବେଦନ

ଭୁବନେଶ୍ୱର, ୧୬।୭(ପି.ଏନ): ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖାଇବା ପାଇଁ ଆସନ୍ତା ଜୁଲାଇ ୨୦ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୨୦ରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ। ତେବେ ସିବିଏସ୍‌ଇ/ଆଇସିଏସ୍‌ଇ ରେଜଲ୍ଟ ପ୍ରକାଶ ପାଇନଥିବାରୁ ଆବେଦନ ଅବଧି ବୃଦ୍ଧି ପାଇପାରେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଶନିବାର ଏହି ସୂଚନା ଦେଇଛନ୍ତି।ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି, ସିବିଏସ୍‌ଇ/ଆଇସିଏସ୍‌ଇ ରେଜଲ୍ଟ ବାହାରି ନାହିଁ। ଆମେ ଆଶା କରୁଛୁ ଜୁଲାଇ ୨୦ ତାରିଖ ପୂର୍ବରୁ ରେଜଲ୍ଟ ବାହାରିଯିବ। ଯଦି ପିଲାମାନେ ଚାହିଁବେ ସେମାନେ ଆବେଦନ କରିପାରିବେ। ଯଦି ସିବିଏସ୍‌ଇ/ଆଇସିଏସ୍‌ଇ ରେଜଲ୍ଟ ପ୍ରକାଶ ପାଇବାରେ ବିଳମ୍ବ ହୁଏ, ନାମଲେଖା ପାଇଁ ଆବେଦନ ଅବଧି ବଢ଼ିପାରେ।ସୂଚନାଯୋଗ୍ୟ, ଜୁଲାଇ ୬ ତାରିଖରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଚଳିତ ବର୍ଷ ପାସ୍ ହାର ୯୦.୫୫% ରହିଥିଲା।

### ଆସନ୍ତାକାଲି ଆଇସିଏସ୍‌ଇ ଦଶମ ରେଜଲ୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୭(ପି.ଏନ): ଆସନ୍ତାକାଲି (ରବିବାର)ପ୍ରକାଶ ପାଇବ ଆଇସିଏସ୍‌ଇର ଦଶମ ଶ୍ରେଣୀ ପରୀକ୍ଷା ଫଳ । ଆସନ୍ତାକାଲି ଅପରାହ୍ନ ୫ଟାରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀମାନେ ରୋଲ ନମ୍ବର ଦେଇ ସ୍କୋରକାର୍ଡ ଯାଂଚ କରିବା ସହ ଡାଉନଲୋଡ୍ କରିପାରିବେ। କାଉନସିଲ୍ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକଜାମିନ୍-ସିଆଇଏସସିଇ ପକ୍ଷରୁ ସୂଚନା ଦିଆଯାଇଛି । ସିଆଇଏସସିଇର ୱେବସାଇଟ cisce.org , results.cisce.org Kò´û results.nic.in ରେ ଏହି ପରୀକ୍ଷା ଫଳ ଉପଲବ୍ଧ ହେବ ।

## ରାୟଗଡା ଜିଲ୍ଲାରେ କାଶୀପୁରରେ ଝାଡାବାନ୍ତିରେ ମୃତ୍ୟୁବରଣ ମାମଲା ବିଧାନସଭାରେ ଉଠିଲା

ଭୁବନେଶ୍ୱର, ୧୬।୭(ପି.ଏନ): ରାୟଗଡା ଜିଲ୍ଲାର କାଶୀପୁରରେ ଠାରେ ଝାଡାବାନ୍ତି ହୋଇ ପାଂଚ ଜଣ ମୃତ୍ୟୁବରଣ କରିଥିବା ମାମଲା ଶନିବାର ଦିନ ବିଧାନସଭାରେ ଉଠିଥିଲା । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାଗଗଡାରେ ଠିଆ କରାଇଥିଲେ । ସେ ଏହି ମାମଲାରେ ମନ୍ତ୍ରୀଙ୍କୁ ବିଧାନସଭାରେ ବକ୍ତବ୍ୟ ଦେବାକୁ ନିର୍ଦ୍ଦେଶ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ଅନ୍ୟ ପକ୍ଷରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଆସନ୍ତା ସୋମବାର ଦିନ ଏହି ପ୍ରସଙ୍ଗରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ନରସିଂହ ମିଶ୍ର କହିଥିଲେ ଯେ ବଂଚିବାର ଅଧିକାର ହେଉଛି ସମ୍ବିଧାନ ପ୍ରଦତ ମୌଳିକ ଅଧିକାର । ହେଲେ ଲୋକ ମାନଙ୍କୁ ଖାଇବାକୁ ନ ମିଳିବାରୁ ସେମାନେ ଅଖାଦ୍ୟ ଖାଇ ମୃତ୍ୟୁବରଣ କରୁଛନ୍ତି । କାଶୀପୁରରେ ଏପରି ଘଟଣା ଘଟିଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ଏ ସବୁ ଘଟଣା ରାଜ୍ୟରେ ଘଟୁଥିବା ବେଳେ ଏହାକୁ ଦେଖିବାକୁ କେହି ନାହାନ୍ତି । ମୁଖ୍ୟମନ୍ତ୍ରୀ ନିଜେ ଗୃହକୁ ଆସୁ ନାହାନ୍ତି । ସେ ଏହି ମାମଲାରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବିଧାନସଭାରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ଏହା ପରେ ଆଗାମୀ ସୋମବାର ଦିନ ଏହି ପ୍ରସଙ୍ଗରେ ସୋମବାର ଉତ୍ତର ଦେବା ନେଇ ବାଚସ୍ପତି ନିର୍ଦ୍ଦେଶ ଦେଉଛନ୍ତି ।

## ୧୮ରେ ହୀରାକୁଦରୁ ଛଡାଯିବ ବର୍ଷର ପ୍ରଥମ ବନ୍ୟା ଜଳ

ସମ୍ବଲପୁର/ଭୁବନେଶ୍ୱର, ୧୬।୭(ପି.ଏନ): ଆସନ୍ତା ୧୮ ତାରିଖରେ ଖୋଲିବ ହୀରାକୁଦ ଜଳଭଣ୍ଡାର । ୧୮ ତାରିଖରେ ଦିନ ୧୧ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ।ଜଳଭଣ୍ଡାରର ଗେଟ୍ ଖୋଲିବା ପରେ ମହାନଦୀ ଓ ତା'ର ଶାଖା ନଦୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି ।

## ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ଆସନ୍ତାକାଲି ଓଡ଼ିଶାର ସବୁ ମନ୍ଦିରରେ ଦୀପ ଜାଳିବ ବିଜେପି

ଭୁବନେଶ୍ୱର, ୧୬।୭(ପି.ଏନ):୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ଆସନ୍ତାକାଲି (ରବିବାର) ଓଡ଼ିଶାର ସମସ୍ତ ମନ୍ଦିର, ଦେବସ୍ଥାନ, ପୂଜାସ୍ଥଳୀରେ ପୂଜା ଅର୍ଚ୍ଚନା କରି ବିଜୟ କାମନା କରାଯିବ। ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।ରାଜ୍ୟ ବିଜେପିର ସମସ୍ତ ବରିଷ୍ଠ ନେତୃବୃନ୍ଦ, ବିଧାୟକ, ସାଂସଦ, ବିଧାୟକ ପ୍ରାର୍ଥୀ, ସାଂସଦ ପ୍ରାର୍ଥୀ, ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ରାଜ୍ୟର ପୁରୀ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ପ୍ରଭୁ ଲିଙ୍ଗରାଜ, ମା ସମଲେଶ୍ୱରୀ, ତାରାତାରେଣୀ, ଭଦ୍ରକାଳୀ ପ୍ରମୁଖ ମନ୍ଦିରରେ ଆସନ୍ତାକାଲି ଦିନ ୧୨ ପୂର୍ବରୁ ପୂଜା ସାରିବା ପାଇଁ କାର୍ଯ୍ୟକର୍ତାଙ୍କୁ ଅନୁରୋଧ କରିଛନ୍ତି ଡ. ଲେଖାଶ୍ରୀ।

## କାଶୀପୁରରେ ହଇଜା: ସ୍ୱାସ୍ଥ୍ୟମନ୍ତ୍ରୀ ମାଗିଲେ ରିପୋର୍ଟ, ଗୃହରେ ବିବୃତ୍ତି ରଖିବେ ସଂସଦୀୟ ବ୍ୟାପାର ମନ୍ତ୍ରୀ



ଭୁବନେଶ୍ୱର, ୧୬।୭(ପି.ଏନ): ରାୟଗଡା ଜିଲ୍ଲାର କାଶୀପୁର ଓ ତା'ର ନିକଟବର୍ତ୍ତୀ ଅଂଚ୍ଳରେ ହଇଜା ବ୍ୟାପି ଏପର୍ଯ୍ୟନ୍ତ ୬ଜଣଙ୍କ ମୃତ୍ୟୁ ହୋଇଥିବାକୁ ନେଇ ଆଜି ବିଧାନସଭାରେ ବିରୋଧୀ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ବାଚ୍ସ୍ପତି ବିକ୍ରମ କେଶରୀ ଆରୁଖ ଆସନ୍ତା ସୋମବାର ଏସଂକ୍ରାନ୍ତରେ ଗୃହରେ ତଥ୍ୟ ରଖିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରାୟଗଡା ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀଙ୍କୁ ରିପୋର୍ଟ ତଲବ କରିଛନ୍ତି ।ଆଜି ବିଧାନସଭାରେ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚ଼ନା କରିଥିଲେ । କାଶୀପୁର ବ୍ଲକର ୧.୫୪ଲକ୍ଷ ଲୋକଙ୍କ ମଧ୍ୟରୁ ୧.୩୬ଲକ୍ଷ ଲୋକଙ୍କୁ ୧ଟଙ୍କିଆ ଚ଼ାଉଳ ଦିଆଯାଉଛି ବୋଲି ସରକାର ଦାବି କରୁଛନ୍ତି । କିନ୍ତୁ ଏବେବି ଲୋକେ ସେଠାରେ ଖାଦ୍ୟ ଅଭାବରୁ ଆମ୍ବ ଟାକୁଆ ଖାଇ ହଇଜାରେ ପ୍ରାଣ ହରାଉଛନ୍ତି । ତେଣୁ ଏଥିରୁ ସ୍ପଷ୍ଟ ଯେ, ସରକାର ଯୋଗାଉଥିବା ଚ଼ାଉଳ ପର୍ଯ୍ୟାପ୍ତ ନୁହେଁ । ରାଜ୍ୟରେ କାଶୀପୁର ଭଳି ,ଭଳି ଅନେକ ଅଂଚ଼ଳ ଅଛି । ସରକାର ଏସବୁ ସମସ୍ୟାର ସମାଧାନ ପରିବର୍ତ୍ତେ ? ମିଛ ତଥ୍ୟ ଦେଇ ପୁରସ୍କାର ସାଉଁଟିବାରେ ଲାଗିଛନ୍ତି । ତେଣୁ ବାଚ଼ସ୍ପତି ଏହାକୁ ଗୁରୁତ୍ୱର ସହ ବିଚ଼ାରକୁ ନେଇ ଗୃହରେ ବିବୃତ୍ତି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ତଥା ଏତେ ଜଣଙ୍କ ମୃତ୍ୟୁ ପରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଗୃହକୁ ଜଣାନ୍ତୁ । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ କଡା ସମାଲୋଚ଼ନା କରି ତୁରନ୍ତ ସ୍ଥିତିକୁ ନିୟନ୍ତ୍ରଣ ପାଇଁ ଦାବି କରଇଥିଲେ । ଏହି ପ୍ରସଙ୍ଗରେ ବାଚ଼ସ୍ପତି ତୁରନ୍ତ କୌଣସି ରୁଲିଂ ନଦେବାରୁ କଂଗ୍ରେସ ବିଧାୟକମାନଙ୍କ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ବାଚ଼ସ୍ପତି ଗୃହକୁ ୨୫ମିନିଟ୍ ପାଇଁ ୨ଥର ମୁଲତବୀ କରିବା ପାଇଁ ବାଧ ହୋଇଥିଲେ । ପରେ ବାଚ଼ସ୍ପତି ଏହି ପ୍ରସଙ୍ଗରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଆସନ୍ତା ସୋମବାର ଗୃହରେ ବିବୃତ୍ତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିଚ଼ିତ୍ର ଚ଼ିତ୍ର: ସିଟିରେ ୮୫% ନମ୍ବର ରଖିଥିବା ଛାତ୍ରୀ ଏବେ ଦିନ ମଜୁରିଆ





କୋରାପୁଟ, ୧୬।୭(ପି.ଏନ): ବିଚ଼ିତ୍ର ଏ ଚ଼ିତ୍ର ? ଜଣେ ଯୁବତୀ, ଦୁଇଟି ଫମେଟା। ଗୋଟିଏ ଫଟୋରେଖୁସି ଓ ଆନନ୍ଦର ମୁହୂର୍ତ୍ତଟ ସିଟି ସ୍କୁଲରେ ଆଇକାର୍ଡ ଧରି ଛିଡା ହୋଇଛନ୍ତି ଲନ୍ଦେଇ ମୁଦୁଲି। ଅନ୍ୟ ଫଟୋରେ ଜୀବନ ଜିଇଁବା ପାଇଁ ସଂଘର୍ଷଟ ବେଲ୍?ଚ଼ା ଧରି ବାଲି ଉଠାଉଛନ୍ତି ସିଟି ପାସ୍ କରିଥିବା ଲନ୍ଦେଇ। ସେ ସିଟି ସ୍କୁଲରୁ ୮୫ % ମାର୍କ ରଖି ପାସ୍? କରିଥିଲେ ମଧ ଚ଼ାକିରି ମିଳିନି। ଏବେ ସେ ଦିନ ମଜୁରିଆ ଭାବେ କାମ କରୁଛନ୍ତି ।କୋରାପୁଟ ବ୍ଲକ୍ ବଗେଇପଦର ଗାଁର ରାମଚ଼ନ୍ଦ୍ର ମୁଦୁଲି। ସେ ଗରିବ ଆଦିବାସୀ ଶ୍ରେଣୀର ବ୍ୟକ୍ତି। ଜଙ୍ଗଲରୁ କାଠ ସଂଗ୍ରହ କରି ପରିବାର ଭରଣ ପୋଷଣ କରନ୍ତି। ରାମଚ଼ନ୍ଦ୍ରଙ୍କ ପରିବାର କହିଲେ ପତ୍ନୀ ବଲା ଓ ୫ ଝିଅ। ଲନ୍ଦେଇ ମୁଦୁଲି ହେଉଛନ୍ତି ରାମଚ଼ନ୍ଦ୍ରଙ୍କ ପଞ୍ଚମ ଝିଅ। ପିଲାଟି ଦିନରୁ ଭଲ ପାଠ ପ?ୁଥିବାରୁ ଲନ୍ଦେଇଙ୍କୁ ସବୁପ୍ରକାର ସହଯୋଗ କରୁଥିଲେ ରାମଚ଼ନ୍ଦ୍ର। ସେପଟେ ବାପା-ମାଆଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ଲନ୍ଦେଇ ମନଦେଇ ପାଠ ପ?ୁଥିଲେ। ଯଦି କେବେ ଅର୍ଥ ଅଭାବ ହେଉଥିଲା, ସେଥିପାଇଁ ମନ ଦୁଃଖ କରୁନଥିଲେ। ନିଜେ ଲାଗି ଯାଉଥିଲେ କୁଲି କାମରେ। ଯାହା ମଜୁରୀ ମିଳୁଥିଲା, ସେଥିରେ ପାଠ ପଢୁଥିଲେ। ସେ ମାଟ୍ରିକ୍?ରେ ୫୭% ନମ୍ବର ରଖି ପାସ୍ କରିଥିଲେ।ମାଟ୍ରିକ୍ ପାସ୍ କରିବା ପରେ ଲନ୍ଦେଇ ଚ଼ାଲି ଆସିଥିଲେ କୋରାପୁଟ। ସେ କୋରାପୁଟ୍ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢ଼ିଥିଲେ। ଯୁକ୍ତ ଦୁଇରେ ସେ ୬୨ ପ୍ରତିଶତ ମାର୍କ ରଖି ଉତ୍ତିର୍ଣ୍ଣ ହେବା ପରେ ଜୟପୁର ଡିଆଇଟି (ଡିପ୍ଲୋମା ଇନ ଏଲିମେଣ୍ଟାରୀ ଏଜୁକେସନ)ରେ ପାଠ ପଢ଼ିଥିଲେ। ସେ ସିଟିରେ ୮୫ ପ୍ରତିଶତ ମାର୍କ ରଖି ପାସ୍ କରିଥିଲେ। ସିଟି ପାସ୍ କରିବା ପରେ ବିଏରେ ପଢ଼ିବା ପାଇଁ ଆଡମିସନ୍ ହୋଇଥିଲେ ଲନ୍ଦେଇ। ହେଲେ ଅର୍ଥ ଅଭାବରୁ ପାଠ ପଢ଼ିବାକୁ ଯାଇପାରିନଥିଲେ। ଏପରିକି ଓଟିଇଟି ଏନ୍‌ଟ୍ରାନ୍ସ ଦେଇପାରିଲେ ନାହିଁ। ଭବିଷ୍ୟତ ଗଢ଼ିବା ପାଇଁ ଏବେ ସେ କୁଲି କାମ କରୁଛନ୍ତି। ପ୍ରତିଦିନ ଘରଠାରୁ ୧୧ କିମି ଦୂର କୋରାପୁଟ ଯାଉଛନ୍ତି। ସେଠାରେ ଠିକାଦାରଙ୍କ ପାଖରେ ଶ୍ରମିକ ଭାବେ କାମ କରୁଛନ୍ତି। କଲମ ଧରିବା ବଦଳରେ ଧରୁଛନ୍ତି ବେଲ୍‌ଚ଼ା ଓ ଫାଉଡା। ଆଉ ଜଣେ ପେଶାଦାର ଶ୍ରମିକଙ୍କ ଭଳି କାମ କରି ଚ଼ାଲିଛନ୍ତି। ସେଥିରୁ ତାଙ୍କୁ ପ୍ରତିଦିନ ମିଳୁଛି ୨୦୦ ଟଙ୍କା। ସେହି ଟଙ୍କାରେ ଏବେ ଘର ଚ଼ଳାଇବାରେ ବାପାଙ୍କୁ ସେ ସହଯୋଗ କରୁଛନ୍ତି। ପାଠ ପଢ଼ାକୁ ଅଧାରେ ଛାଡିବାକୁ ନେଇ ଲନ୍ଦେଇ କହିଛନ୍ତି, କର୍ମ ହିଁ ଭଗବାନ। ପାଠ ପାଇଁ ଶ୍ରମିକ ସାଜିବାରେ ଲାଜ ନାହିଁ। ଜୀବନ ଯୁଦ୍ଧରେ ଭାଙ୍ଗିପଡ଼ି ଆତ୍ମହତ୍ୟା କରିବା ଅପେକ୍ଷା ସଂଘର୍ଷ କରିବା ଉଚ଼ିତ। ବାପା, ମା' ସବୁବେଳେ ସାହାଯ୍ୟ କରିପାରିବେନି। ସେମାନଙ୍କ ଉପରେ ବୋଝ ହେବା ଅପେକ୍ଷା ଆତ୍ମନିର୍ଭରଶୀଳ ହୋଇ ଆଗକୁ ବଢ଼ିବା ଉଚ଼ିତ। ପାଠ ପଢ଼ି ଚ଼ାକିରି କରିବା ମୂଳଲକ୍ଷ୍ୟ ନୁହେଁ, ଭଲ ମଣିଷ ହେବା ଉଚ଼ିତ ବୋଲି ଲନ୍ଦେଇ କହନ୍ତି।

## ସ୍କୁଲ ବାରଣ୍ଡାରେ ପାଠପଢ଼ା, ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ

ଜୟପୁର, ୧୬।୭(ପି.ଏନ): ବର୍ଷା ପରେ ସ୍କୁଲର ଚିତ୍ର ବେହାଲ, ସ୍କୁଲ ଛାତରୁ ପାଣି ଝରୁଥିବାରୁ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ର ଛାତ୍ରୀ ।ସେହିଭଳି ଆବଶ୍ୟକ ସ୍ଥାନ ନଥିବାରୁ ଖୋଲା ଆକାଶ ତଳେ ଚାଲିଛି ମଧ୍ୟାହ୍ନ ଭୋଜନ। ଶିକ୍ଷା ବିଭାଗର ଏଭଳି ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଆଉଁଳି ପଚାଂୟତର ବରଗାଁ ପ୍ରାଥମିକ ବିଦ୍ୟାଳୟରେ । ବହୁ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ବିଦ୍ୟାଳୟର ମରାମତି ହେଉନଥିବାରୁ ଏଭଳି ଚିତ୍ର ଦେଖିବାକୁ ମିଳିଛି ବୋଲି ଆଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ସ୍କୁଲର ଟିଣ ଆଜବେଷ୍ଟସ ଚାରି ପଟେ କଣା ହୋଇଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ଜମା ହୋଇରହୁଛି ।ଏଣୁ ଏହି ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ବର୍ଷା ହେଲେ ଶ୍ରେଣୀ ଗୃହ ଛାଡି ବାରଣ୍ଡାରେ ପାଠ ପଢିବାକୁ ବାଧ ହେଉଛନ୍ତି। ବହୁ ବର୍ଷ ତଳେ ବରଗାଁ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ଛପର ଟିଣ ଆଜବେଷ୍ଟସରେ ନିର୍ମାଣ କରାଯାଇଥିଲା। ବିଦ୍ୟାଳୟଟି ପୁରୁଣା ହୋଇଥିବା କାରଣରୁ ଆଜବେଷ୍ଟସର ଚାରିପଟେ କଣା ହୋଇଯାଇଛି। ସାମାନ୍ୟ ବର୍ଷା ଯୋଗୁଁ ଶ୍ରେଣୀ ଗୃହ ଉପରୁ ପାଣି ପଡୁଛି । ଏ ନେଇ ସ୍ଥାନୀୟ ବିଡ଼ିଓ, ସରପଂଚ ଓ ଅନ୍ୟ ଉଚ୍ଚ କର୍ତୃପକ୍ଷଙ୍କୁ ଯେତେ ଗୁହାରୀ କଲେ ମଧ ପୁରୁଣା ଟିଣ ଆଜବେଷ୍ଟସ ବଦଳି ପାରୁନାହିଁ କି ମରାମତି ହେଉନାହିଁ ବୋଲି ଛାତ୍ର ଛାତ୍ରୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି । ବର୍ତମାନ ବିଦ୍ୟାଳୟରେ ପ୍ରଥମରୁ ପଚଂମ ଶ୍ରେଣୀ ପର୍ଯନ୍ତ ମୋଟ ୮୯ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଦୁଇ ଜଣ ଶିକ୍ଷକ ରହିଛନ୍ତି ।ରାଜ୍ୟ ସରକାର ମୋ ସ୍କୁଲ, ୫-ଟି ଭଳି ସ୍କୁଲ ରୂପାନ୍ତରିତ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ କୋରାପୁଟ ଜିଲ୍ଲା ଭଳି ଆଦିବାସୀ ଜିଲ୍ଲାରେ ପ୍ରାଥମିକ ସ୍କୁଲ ଗୁଡିକର ଏଭଳି ଚିତ୍ର ଦେଖିଲେ ଏହି ସବୁ ଯୋଜନା କେତେ କାର୍ଯ୍ୟକାରୀ ହେଉଛି ତାହା ସହଜେ ଅନୁମେୟ। ତେବେ କେବେ ଏହି ବିଦ୍ୟାଳୟର ପରିବେଶ ବଦଳୁଛି ତାହାହିଁ ଦେଖିବା ବାକି ରହିଲା।

## ଲୋକଙ୍କ ଠାରେ ଦେଖାଯାଉନି କୋଭିଡ୍ ଲକ୍ଷଣ

ଭୁବନେଶ୍ୱର, ୧୬।୭(ପି.ଏନ): ସାରା ଦେଶରେ କୋଭିଡ ସଂକ୍ରମଣ ବଢୁଛି। କିନ୍ତୁ ଯେଉଁ ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, କେରଳ ଆଦିରେ ସଂକ୍ରମଣ ଉପରକୁ ଯାଇଥିଲା, ସେଠି ଏବେ ଖସିବା ଆରମ୍ଭ କଲାଣି ବା ପ୍ଲାଟୋ ଅବସ୍ଥାରେ ରହିଛି। କିନ୍ତୁ ଆମର ପାର୍ଶ୍ୱବର୍ତୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଆଦିରେ ବଢୁଛି। ସେହି ଅନୁପାତରେ ଆମ ରାଜ୍ୟର ସଂକ୍ରମଣ ବଢୁଛି। କିନ୍ତୁ ପୂର୍ବ ଲହର ଭଳି ବୃଦ୍ଧି ହେଉନି। ଏବେ ରାଜ୍ୟରେ ୫ ହଜାର ଉପରେ ସକ୍ରିୟ ମାମଲା ଥିବା ବେଳେ ମାତ୍ର ୩୯ ଜଣ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ଏହାର ଅର୍ଥ ଲୋକଙ୍କଠାରେ ଲକ୍ଷଣ ଦେଖାଯାଉନି ବା ସ୍ୱଳ୍ପ ଲକ୍ଷଣ ରହୁଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର।ସେ ଆହୁରି କହିଛନ୍ତି, ବର୍ତମାନ ଆମେ ଏକ କ୍ରସ ରୋଡରେ ଅଛନ୍ତି। ଭୂତାଣୁ ଟ୍ରାନ୍ସମିଟ ହେଉଛି, ମ୍ୟୁଟାଂଟ ବି ହେଉଛି। ଯେତେ ମ୍ୟୁଟାଂଟ ହେବ, ତାର ସଂକ୍ରମଣ ହାର ଅଧିକ ରହିବ। କିନ୍ତୁ ଏହା କେତେ ରୋଗ କରାଇବ, କେତେ ଲୋକ ଡାକ୍ତରଖାନାକୁ ଯିବେ, ତାହା ଜାଣିବା ଲାଗି ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଯେଉଁମାନଙ୍କଠାରେ ଥଣ୍ଡା, ଜ୍ୱର, କାଶ ହେଉଛି, ସେମାନେ କୋଭିଡ ପରୀକ୍ଷା କରାଇନେବା ଉଚିତ। ଏବେ ଜନସ୍ୱାସ୍ଥ୍ୟ ପଦକ୍ଷେପ ତୁଳନାରେ ଜନ ସହଭାଗିତା ଅଧିକ ଦରକାର। ଲୋକଙ୍କୁ ଅଧିକ ସଚେତନ ହେବାକୁ ପଡ଼ିବ। ତେଣୁ ଶ୍ରାବଣରେ କାଉଡ଼ିଆମାନେ ଧର୍ମ କରନ୍ତୁ, ଯାତ୍ରା କରନ୍ତୁ, କିନ୍ତୁ କୋଭିଡ ନିୟମ ପାଳନ କରନ୍ତୁ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲୋକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଷିଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଊଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# ସାହାରା ମଲ୍‌ଟି ଷ୍ଟେଟ୍ ସମବାୟ ସଂସ୍ଥା ଆଗାମୀ ୧୦ ଦିନ ମଧ୍ୟରେ ସମସ୍ତ ଜମାକାରୀଙ୍କୁ ପରିପକ୍ୱ ରାଶି ନ ଫେରାଇଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ

ଭୁବନେଶ୍ୱର (ପିଏନ୍): ଗତକାଲି ହଜାର ହଜାର ସାହାରା ଜମାକାରୀ ସାହାରା ଜୋନାଲ୍ କାର୍ଯ୍ୟାଳୟକୁ ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସତ୍ତ୍ୱେ ଘେରାଉ କରି ବସିଥିଲେ। କମିଶନରେଟ୍ ପୋଲିସ୍ ଉଦ୍ୟମରେ ସାହାରା ଓଡ଼ିଶା ମୁଖ୍ୟ ବାବୁ ବସନ୍ତିଆ ଆସି ଜମାକାରୀମାନଙ୍କୁ ଟଙ୍କା ଫେରସ୍ତ ପାଇଁ ଲକ୍ଷ୍ନୌ ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇଥିବା ସୂଚନା ଦେଇଥିଲେ ବି ସେବିର କଟକଣା ହେତୁ ଜମାକାରୀମାନଙ୍କ ପରିପକ୍ୱ ରାଶି ଫେରାଇବାରେ ପ୍ରତିବନ୍ଧକ ହେଉଥିବା କଥା କହିଥିଲେ। ସାହାରା ଜମାକାରୀ ମଞ୍ଚର କର୍ମକର୍ତ୍ତା ଓ ଜମାକାରୀ ମିଳିତ ମଞ୍ଚର କର୍ମକର୍ତ୍ତାମାନେ ସାହାରା ରାଜ୍ୟ ମୁଖ୍ୟମାନେ ଜମାକାରୀମାନଙ୍କୁ ମାନ୍ୟବର ସୁପ୍ରିମ୍ କୋର୍ଟ, ମାନ୍ୟବର ଦିଲ୍ଲୀ ହାଇକୋର୍ଟ ଓ ସେବି ସଂସ୍ଥାର ପଦକ୍ଷେପ ସମ୍ପର୍କରେ ଭୁଲ ତଥ୍ୟ ପରିବେଷଣ କରି ଜମାକାରୀଙ୍କଠାରୁ ଟଙ୍କା ଆଦାୟ କରିଚାଲିଛନ୍ତି। ସାହାରା କମ୍ପାନୀ ହାଉସିଂ ସ୍କିମ୍‌ରେ ଜମାକାରୀଙ୍କ ପାଖରୁ ନେଇଥିବା ଟଙ୍କା ସହ ସମସ୍ତ ଜମାକାରୀଙ୍କ ତଥ୍ୟ ସେବି ନିକଟରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସାହାରାର ରାଜ୍ୟ କର୍ତ୍ତୃପକ୍ଷ ୪ଟି ମଲ୍‌ଟି ଷ୍ଟେଟ୍ ସମବାୟ ସଂସ୍ଥା ଜରିଆରେ ଜମାକାରୀଙ୍କୁ ଭୁଲ ତଥ୍ୟ ଦେଇ ଜମା ଟଙ୍କା ନେଇମାନ୍ୟବର ସୁପ୍ରିମ କୋର୍ଟ, ହାଇକୋର୍ଟ ଏବଂ ସେବି ନାଁରେ ମିଛ ପ୍ରଚାର କରି ପରିପକ୍ୱ ରାଶି ଫାଙ୍କି ଚାଲିଛି। ଏହି ସମବାୟମାନଙ୍କ ବିରୁଦ୍ଧରେ କୌଣସି ବିଚାରାଳୟରେ ମକଦ୍ଦମା ବିଚାରାଧୀନ ନଥିବା ବେଳେ ଜମାକାରୀଙ୍କୁ ଟଙ୍କା ଫାଙ୍କି ଚାଲିଥିବା ଏକ ଗୁରୁତର ଅପରାଧ ବୋଲି ସୂଚନା ଦେବାପରେ ସାହାରା ରାଜ୍ୟ ମୁଖ୍ୟ ବାବୁ ବସନ୍ତିଆ କୌଣସି ସନ୍ତୋଷଜନକ ଉତ୍ତର ରଖି ପାରିନଥିଲେ। ଆଗାମୀ ୧୦ ଦିନ ମଧ୍ୟରେ ସାହାରା ଅଧୀନ ସମସ୍ତ ସମବାୟ ସଂସ୍ଥା ନେଇଥିବା ଜମା ଟଙ୍କାର ପରିପକ୍ୱ ରାଶି ଫେରସ୍ତ ପ୍ରକ୍ରିୟା ଆରମ୍ଭ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଥିଲେ। କମିଶନରେଟ୍ ପୋଲିସ୍‌ର ଅଧିକାରୀମାନେ ଉପସ୍ଥିତ ରହି ସାହାରା ରାଜ୍ୟ କର୍ତ୍ତୃପକ୍ଷ ସମସ୍ତ ତଥ୍ୟ ପୋଲିସ୍‌କୁ ଆଗାମୀ ଦୁଇ / ତିନି ଦିନ ଭିତରେ ଅବଗତ କରାଇବା ସହ ଜମାକାରୀମାନେ କମ୍ପାନୀର ଠକାମୀ ସମ୍ପର୍କରେ ରଖିଥିବା ସମସ୍ତ ପ୍ରାମାଣିକ ତଥ୍ୟ ପୋଲିସ୍ ନିକଟରେ ଉପସ୍ଥାପନ କଲେ କମିଶନରେଟ୍ ପୋଲିସ୍ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ। ଆଜି ପୂର୍ବାହ୍ନ ୧୦.୩୦ରେ ନୂତନ ବି.ଏମ୍.ସି. କାର୍ଯ୍ୟାଳୟଠାରୁ ସାହାରା ଜମାକାରୀ ମଞ୍ଚ ଓ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ନେତୃତ୍ୱରେ ହଜାର ହଜାର ଜମାକାରୀ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶହୀଦନଗରସ୍ଥିତ ସାହାରା କାର୍ଯ୍ୟାଳୟରେ ପହଞ୍ଚିବା ପରେ ସାହାରା ଜମାକାରୀ ମଞ୍ଚର ରାଜ୍ୟ ସଭାପତି ବିଜୟ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ରବି ଦାସ, ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ରାଜ୍ୟ ନେତ୍ରୀ ଅନୁରାଧା ସୁବୁଦ୍ଧି, ସାହାରା ଜମାକାରୀ ମଞ୍ଚର ସମ୍ପାଦକ ସଞ୍ଜୀବ ପଣ୍ଡା, ଉପସଭାପତି ସୁନୀଲ କୁମାର ଦାସ, ସାହାରା ଜମାକାରୀମାନଙ୍କର ସର୍ବଭାରତୀୟ ଉପଦେଷ୍ଟା ତଥା ଆଇନଜୀବୀ ଅମନ୍ ଶ୍ରୀବାସ୍ତବ, ଉତ୍ତର ପରିଡ଼ା, ଅମରେଶ୍ୱର ତ୍ରିପାଠୀ, ବସନ୍ତ ଚୌଧୁରୀ, ଶୈଳବାଳା ପଣ୍ଡା, ରାମଚନ୍ଦ୍ର ପ୍ରଧାନ, ଏମ୍. ଶ୍ୟାମଘନ ପାତ୍ର, ଲକ୍ଷ୍ମୀଧର ମହାନ୍ତି, ପ୍ରକାଶ ସାହୁ, କୃଷ୍ଣାନନ୍ଦ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପ୍ରଦୀପ କୁମାର ଦାସ, ଭଞ୍ଜକିଶୋର ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସାହାରା ରାଜ୍ୟ ମୁଖ୍ୟ ଶ୍ରୀମତୀ ସୀମା ଦାସ ଓ ବାବୁ ବସନ୍ତିଆ ତାଙ୍କ ନିଜ ବାସଭବନରେ ରହି ଜମାକାରୀମାନଙ୍କ ଦାବି ଶୁଣିବାକୁ ନ ଆସିବାରୁ କମିଶନରେଟ୍ ପୋଲିସ୍ ଉଦ୍ୟମରେ ସେମାନଙ୍କୁ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଜମାଟଙ୍କା ଫେରସ୍ତ ପ୍ରକ୍ରିୟା ଆଗାମୀ ୧୦ ଦିନ ମଧ୍ୟରେ ତ୍ୱରାନ୍ୱିତ ନହେଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜମାକାରୀ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ସାହାରା କାର୍ଯ୍ୟାଳୟରେ ଜମା ସଂଗ୍ରହ ବନ୍ଦ ସହ ରାଜ୍ୟ ମୁଖ୍ୟମାନେ ଭୁବନେଶ୍ୱର ସହର ଛାଡ଼ି ବାହାରକୁ ନ ଯିବା ପାଇଁ ଚେତାବନୀ ଦିଆଯାଇଥିଲା। ପୋଲିସ୍ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଶହୀଦନଗର ଥାନା ଭାରପ୍ରାପ୍ତ ଇନିସ୍‌ପେକ୍ଟର ବିଜୟ କୁମାର ବାରିକ ସୂଚନା ଦେବାପରେ ଜମାକାରୀମାନେ କମିଶନରେଟ୍ ପୋଲିସ୍‌କୁ ସମ୍ମାନ ଦେଇ ୧୦ ଦିନ ମଧ୍ୟରେ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ନ ହେଲେ ଜୁଲାଇ ୩୧ ତାରିଖ ଦିନ ପୁଣି ବିଶାଳ ଜମାକାରୀ ସମାବେଶ ହେବ ବୋଲି ଚେତାବନୀ ଦେଇଛନ୍ତି।

# ସିଂହଦ୍ୱାର ଚକଡ଼ା ଲାଗିଲା ଶ୍ରୀବଳଦେବଜୀଉଙ୍କ ବ୍ରହ୍ମତାଳଧ୍ୱଜ ରଥ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ମାଉସୀ ମା'ଙ୍କ ଘରୁ ସିଂହଦ୍ୱାରକୁ ବାହୁଡିଥିବା ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଅଧା ବାଟରେ ଫୁଟପାଥକୁ ମାଡି ଯାଇ ଅଟକି ରହିଥିଲା। ଗତ ସୋମବାର ଅପରାହ୍ନ ୨ଟା ୨୦ରେ ରଥ ଟଣା ଆରମ୍ଭ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ରଥ ପହଞ୍ଚିବା ବେଳକୁ ଅପରାହ୍ନ ୪ଟା ୨୫ମିନିଟ ହୋଇ ଗଲା। ତେବେ ରବିବାର ରଥଟଣା ବେଳେ ଯେଉଁ ବିଭ୍ରାଟ ହୋଇଥିଲା ସୋମବାର ତାହାର ପୁନରାବୃତ୍ତି ହୋଇ ନ ଥିଲା। କାରଣ ରବିବାର ରଥ ସିଂହଦ୍ୱାରକୁ ଫେରିବା ବାଟରେ ୨୦୦ ମିଟର ଗଡି ବାମ ପାର୍ଶ୍ୱକୁ ମାଡି ଯାଇଥିଲା। ରଥକୁ ସଠିକ ଦିଗକୁ ଆଣିବା ପାଇଁ ସମୟ ଲାଗିଥିଲା। ରଥ ସଠିକ ଦିଗକୁ ଆସିବା ବେଳେ ସୂର୍ଯ୍ୟାସ୍ତ ହୋଇ ଯାଇଥିଲା। ତେଣୁ ରଥ ଆଉ ଗଡି ନ ଥିଲା। ତେଣୁ ସୋମବାର ରଥ ଟଣାଯାଇ ଚକଡ଼ାରେ ଲାଗିଛି। ସୋମବାର ସକାଳୁ ରଥ ଟାଣିବା ପାଇଁ ହଜାର ହଜାର ଭକ୍ତ ରଥ ଦାଣ୍ଡରେ ସମବେତ ହୋଇଥିଲେ। ସେହିପରି ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ରଥଦାଣ୍ଡରେ ପହଞ୍ଚିଥିଲେ। ଘଣ୍ଟ, ଘଣ୍ଟା, କାହାଳୀ ଶବ୍ଦରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତ ଓ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ରଥ ଟାଣିଥିଲେ। ରଥ କିଛି ବାଟ ଯିବା ପରେ ରହିଥିଲା। ଫଳରେ ଭକ୍ତମାନେ ରଥାରୂଢ଼ ଠାକୁରଙ୍କୁ ରଥଦାଣ୍ଡରେ ଦର୍ଶନ କରିଥିଲେ। ପୂର୍ବଦିନ ରଥ ବୋଲ ମାନି ନ ଥିବାରୁ ରଥ ଚାଳକ ରଥକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଫଳରେ ରଥଟି ବାମ ପାର୍ଶ୍ୱକୁ ମାଡି ଯାଇଥିଲା। ରଥକୁ ସଠିକ ମାର୍ଗକୁ ଆଣିବା ପାଇଁ ରେଳ ବିଭାଗର ହାଇଡ୍ରୋଲିକ ଜଗ ବ୍ୟବହାର କରାଯାଇଥିଲା। ସୋମବାର ବିନା କୌଣସି ପ୍ରତିବନ୍ଧକରେ ରଥ ସିଂହଦ୍ୱାର ଚକଡ଼ାରେ ଲାଗିଥିଲା। ଫଳରେ ହଜାର ହଜାର ଭକ୍ତ ସୋମବାର ରଥାରୂଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି। ଗୁଣ୍ଡିଚା ସମୟରେ ଯେପରି ରଥ ବାମ ପାର୍ଶ୍ୱକୁ ମାଡି ଯାଇଥିଲା ବାହୁଡା ସମୟରେ ମଧ ତାହାର ପୁନରାବୃତ୍ତି ହୋଇଥିଲା। ତେଣୁ ରଥ କାହିଁକି ସଠିକ ଭାବେ ଗଡି ପାରୁନାହିଁ ତାହାର ସମୀକ୍ଷା କରାଯାଉ ବୋଲି ବଳଦେବ ସେନାର ଆବାହକ ତଥା ଗବେଷକ ନିରଞ୍ଜନ ମେକାପ ଏବଂ ବରିଷ୍ଠ ଆଇନଜୀବୀ ବିଭୁଭୂଷଣ ମହାପାତ୍ର ଦାବି କରିଛନ୍ତି। ସେମାନେ କହିଛନ୍ତି ପ୍ରଶାସନ ଯେତେବେଳେ ପ୍ରସ୍ତୁତି ବୈଠକ ଡକାଉଛି ସେତେବେଳେ ଅଭିଜ୍ଞ ଲୋକଙ୍କୁ ବୈଠକକୁ ଡକାଯାଉନାହିଁ। ଯେଉଁମାନଙ୍କର ରଥ ସଂକ୍ରାନ୍ତରେ ଅଭିଜ୍ଞତା ରହିଛି ସେମାନଙ୍କୁ ବୈଠକରୁ ଦୂରେଇ ରଖାଯାଉଛି। ଯାହାର ଫଳ ସ୍ୱରୂପ ଗୁଣ୍ଡିଚା ଓ ବାହୁଡାରେ ରଥ ଟଣାରେ ବିଭ୍ରାଟ ଘଟିଲା। ତେଣୁ ପ୍ରଶାସନ ଏନେଇ ସଚେତନ ରହିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଛନ୍ତି ରଥ ଗଡିବା ବେଳେ ଯେଉଁ ବିଭ୍ରାଟ ହେଲା ତାହାର ବୈଷୟିକ ତଦନ୍ତ କରାଯାଉ। ସେହିପରି ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଫେରୁଛି ଶୈକ୍ଷିକ ବାତାବରଣ




କେନ୍ଦ୍ରାପଡ଼ା (ପିଏନ୍): କରୋନା ବେଳେ ପାଠପଢା ବ୍ୟାଘାତ ହୋଇଥିଲା। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମାନସିକତା ଉପରେ ପ୍ରଭାବ ପଡିଥିଲା। କରୋନା କଟକଣା ଉଠିଯିବା ପରେ ଛାତ୍ରଛାତ୍ରୀମାନେ ପାଠପଢାରେ ବିଶେଷ ଭାବେ ମନ ଦେଉ ନଥିଲେ। କିନ୍ତୁ ଏବେ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଫେରୁଛି ବୋଲି ମହାବିଦ୍ୟାଳୟର ନୂତନ ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି। ସେ କହିଛନ୍ତି ଯେ ଏବେ ସବୁ କ୍ଲାସ ହେଉଛି। ମୁଁ ନିଜେ କ୍ଲାସ ହେଉଛି କି ନାହିଁ ତାହାର ତଦାରଖ କରୁଛି। କୌଣସି ଛାତ୍ରଛାତ୍ରୀ ଯେପରି ଘରୁ ଆସି କ୍ଲାସ ନ କରି କେଉଁଆଡେ ନ ବୁଲିବେ ସେଥିନେଇ ପଦକ୍ଷେପ ଗ୍ରହଣ କରାଯାଉଛି। ନିୟମିତ ବ୍ୟବଧାନରେ ଅଭିଭାବକମାନଙ୍କ ସହ ଆମେ କଥାବାର୍ତ୍ତା ହେଉଛୁ। ଅଭିଭାବକମାନଙ୍କୁ ଆମ ଟେଲିଫୋନ ନମ୍ବର ଦିଆଯାଇଛି। ଫଳରେ ଘରୁ ପାଠ ପଢିବାକୁ ବାହାରିଥିବା ପିଲା କ୍ଲାସରେ ପହଞ୍ଚୁଛନ୍ତି କି ନାହିଁ ସେ ସମ୍ପର୍କରେ ଅଭିଭାବକମାନେ କଲେଜକୁ ଯୋଗାଯୋଗ କରି ଜାଣିପାରୁଛନ୍ତି। କୌଣସି ପରିସ୍ଥିତିରେ ଛାତ୍ରଛାତ୍ରୀମାନେ କ୍ଲାସ ମିସ କରୁନାହାଁନ୍ତି। ସେହିପରି ଅଣଛାତ୍ରଙ୍କ କଲେଜ ହତା ମଧ୍ୟରେ ପ୍ରବେଶକୁ ବନ୍ଦ କରାଯାଇଛି। ସବୁ ଫାଟକ ନିକଟରେ ଆମ ଅଧାପକ, କର୍ମଚାରୀ ପଇଁତରା ମାରୁଛନ୍ତି। ଛାତ୍ରଛାତ୍ରୀମାନଙ୍କ ପରିଚୟପତ୍ର କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ବିନା ପରିଚୟପତ୍ରରେ ଆସୁଥିବା ଛାତ୍ରଛାତ୍ରୀଙ୍କୁ କଲେଜରେ ପ୍ରବେଶ ଅନୁମତି ଦିଆଯାଉନାହିଁ। ଏହାଦ୍ୱାରା ମହାବିଦ୍ୟାଳୟ ପରିସରରେ ଶୈକ୍ଷିକ ବାତାବରଣ ଫେରୁଛି ବୋଲି ଶ୍ରୀ ବେହେରା କହିଛନ୍ତି।

# ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଘୃଣ୍ୟ ମନ୍ତବ୍ୟ ପ୍ରତିବାଦରେ ବିଜେପିର ବିକ୍ଷୋଭ

ବାଲେଶ୍ୱର (ପିଏନ୍)-ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଜାତିଆଣ ଆକ୍ଷେପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସୂଚନାନୁସାରେ କଂଗ୍ରେସର ରାଷ୍ଟ୍ରୀୟ ମୁଖପାତ୍ର ଅଜୟ କୁମାରଙ୍କ ଦ୍ରୌପଦୀ ମୁର୍ମୁଙ୍କୁ ଘୃଣ୍ୟ ମନ୍ତବ୍ୟ ଦେଇ କେବଳ ଯେ ଆଦିବାସୀ ବିରୋଧି ଏବଂ ମହିଳା ବିରୋଧି ନୁହେଁ ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ଆବେଗକୁ ଆଘାତ ଦେଇଛି। ଏହାର ପ୍ରତିବାଦରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ଙ୍କ ନେତୃତ୍ୱରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରାହ୍ନରେ ସ୍ଥାନୀୟ ଫାଣ୍ଡି ଛକ ଠାରେ ଶହ ଶହ କାର୍ଯ୍ୟକର୍ତ୍ତା ଅଧିକାରୀ ମହିଳା ବିରୋଧି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅଜୟ କୁମାରଙ୍କ କୁଶ ପୁତ୍ତଳିକା ଦାହ କରିଥିଲା। ଏହି ଘୃଣ୍ୟ ମନ୍ତବ୍ୟ ମହିଳା ଆଦିବାସୀ ଦଳିତଙ୍କୁ ଅପମାନିତ କରିଛି, କଂଗ୍ରେସ ତା' ସହିତ ଆଦିବାସୀ ଓ ମହିଳା ବିକାଶରେ ବାଧା ସାଜିଛି। ବିଜେପି ପକ୍ଷରୁ ଜଣେ ଆଦିବାସୀ ଓଡ଼ିଆ ମହିଳାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯିବା କଂଗ୍ରେସକୁ ସହ୍ୟ ହେଉନାହିଁ।



ତେଣୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଏଥିପାଇଁ କ୍ଷମା ମାଗିବାକୁ ପଡ଼ିବ ବୋଲି ଯୁବନେତା ଶ୍ରୀ ମାନସ ଦତ୍ତ ପରିପ୍ରକାଶ କରିଛନ୍ତି।

# ସାଂସଦଙ୍କ ଦ୍ୱାରା ବାଲେଶ୍ୱର ରେଳଷ୍ଟେସନରେ ୨ଟି ଲିଫ୍ଟ ଉଦ୍‌ଘାଟିତ




ବାଲେଶ୍ୱର (ପିଏନ୍)-ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଷ୍ଟେସନରେ ରେଳ ବ୍ୟବହାରକାରୀଙ୍କ ସୁବିଧା ପାଇଁ ୧ ନଂ ଓ ୨ ନଂ ପ୍ଲାଟଫର୍ମରେ ୨ଟି ଲିଫ୍ଟର ଉତ୍ସର୍ଗ କରିଛନ୍ତି। ଏହାବ୍ୟତିତ ସାଂସଦ ୧ ନଂ ଓ ୨ ନଂ ପ୍ଲାଟଫର୍ମର ୨ଟି ଏକ୍‌ସକ୍ଲାମେଟର ଯୋଗାଣ କାର୍ଯ୍ୟ ପାଇଁ ଶୁଭ ଦେଇଛନ୍ତି। ବାଲେଶ୍ୱର ଷ୍ଟେସନରେ ଲିଫ୍ଟ ଯୋଗାଣକୁ ୨୦୧୮/୧୯ରେ ୧୦.୭୧ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପ୍ଲାଟଫର୍ମ ୧ ନଂ ଓ ୨ ନଂରେ ଆନୁମାନିକ ୩.୦୯ କୋଟି ବ୍ୟୟରେ ୨ଟି ଏକ୍‌ସକ୍ଲାମେଟର ରହିବ ଯାହା ବ୍ୟବହାର ଉପଯୋଗୀ କରିବା ପାଇଁ ଯାତ୍ରୀଙ୍କ ସୁବିଧା ନିମନ୍ତେ ନୂତନ ଷ୍ଟେସନ ନିର୍ମାଣ କରାଯିବ। ଉଦ୍ଘାଟନରେ ଉପସ୍ଥିତ ଜନସାଧାରଣ ଓ ଗଣମାଧ୍ୟମକୁ ସମ୍ବର୍ଦ୍ଧିତ କରି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ ଯେ ନୂଆ ଷ୍ଟେସନ ଗୃହ ନିର୍ମାଣ ପାଇଁ ଯେଉଁ ପରିବାରମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ ସେମାନଙ୍କ ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ସହିତ ରେମୁଣା ସହରାଞ୍ଚଳରେ ଜମି ଆବଣ୍ଟନ କରାଯିବ। ଏ ବାବଦରେ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଖଡ଼ଗପୁର ମଣ୍ଡଳ ରେଳ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ, ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ରାଜେଶ କୁମାର ଓ ଅନ୍ୟ ରେଳ ପଦାଧିକାରୀ ଉପସ୍ଥିତ ଥିଲେ।

# ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ପ୍ରାର୍ଥନା ଗୃହ ଓ ବିଶ୍ରାମ ଗୃହ ଉଦ୍‌ଘାଟିତ




ଚଣ୍ଡିଖୋଲ (ପିଏନ୍)- ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା ଗୃହ ଓ ଭଗବାନଙ୍କ ବିଶ୍ରାମ ଗୃହ ଜାରକା ସ୍ଥିତ ସାଇ ଆରୋଗ୍ୟମ୍ ଠାରେ ଉଦଘାଟିତ ହୋଇଯାଇଛି। ଉଦଘାଟକ ଭାବେ ରାଜ୍ୟ ପାଦୁକା ଯାତ୍ରା କାର୍ଯ୍ୟ ନିର୍ବାହ ଅଧିକାରୀ ସୁବ୍ରତ ରାଉତ ଓ ଭଦ୍ରକ ଜିଲ୍ଲା ପ୍ରାକ୍ତନ ସତ୍ୟସାଇ ସେବା ସମିତିର ସଭାପତି ବିଷ୍ଣୁମୋହନ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ରାଜ୍ୟ ସତ୍ୟସାଇ ଟ୍ରଷ୍ଟର ଟ୍ରଷ୍ଟି ସଭ୍ୟ ରଶ୍ମିରଂଜନ ରାୟ ଯୋଗଦେଇଥିଲେ। ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଗତକାଲିଠାରୁ ଆସି ସାଇ ଆରୋଗ୍ୟମ୍ ଠାରେ ରହିଥିଲେ। ସେଠାରେ ରଶ୍ମିରଂଜନ ରାୟ ଓ ବାଳବିକାଶର ଗୁରୁମା ପ୍ରମୋଦିନି ସାମଲ ଦିବ୍ୟ ପାଦୁକା ଯତ୍ନର ସହ ସେବା ଓ ପୂଜାର୍ଚ୍ଚନା କରିଥିଲେ। ଆଜି ପ୍ରାତଃ ସମୟରେ ବାବାଙ୍କ ପୂଜାର୍ଚ୍ଚନା କରାଯାଇ ଦିବ୍ୟ ପାଦୁକା ସୁସଜିତ ରଥକୁ ଗଙ୍ଗାଧରପୁର, କୁମାରୀ, ଚିତ୍ରପଦା, ଶଙ୍ଖ ଗ୍ରାମକୁ ଯାଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇ କଂଟିଗଡିଆ ସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ମଧୁକେଶ୍ୱର ଓ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ମନ୍ଦିର ପରିଷରରେ ପହଂଚାଯାଇଥିଲା। ସେଠାରେ ଶ୍ରଦ୍ଧାଳୁ ପୁରୁଷ ଓ ମା, ଭଉଣୀମାନେ ଶଙ୍ଖ ହୁଳହୁଳି ଦେଇ ଦିବ୍ୟ ପାଦୁକାକୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ପଣ୍ଡିତ ବିଜୟ କୁମାର କର ମନ୍ତ୍ର ପଢି ପୂଜାର୍ଚ୍ଚନା କରିଥିଲେ। ସେଠାରେ ଷୋଡସ ଉପଚାର ପୂଜା ସହିତ ଯଜ୍ଞକାର୍ଯ୍ୟ କରାଯାଇଥିଲା ଓ ବାବାଙ୍କ ଭଜନ ଗାନ କରାଯାଇଥିଲା। ଦିବ୍ୟ ପାଦୁକା ଯାତ୍ରାରେ ରଶ୍ମିରଂଜନ ରାୟ, ଜାରକା ସାଇସେବା ସମିତିର ଆବାହକ ସୁଶାନ୍ତ ନାୟକ, ପ୍ରାକ୍ତନ ସଭାପତି ପବିତ୍ର ବିଶ୍ୱାଳ ପ୍ରମୁଖ ଦାଇତ୍ୱ ବହନ କରି ଦିବ୍ୟ ପାଦୁକା ରଥକୁ ପରିଭ୍ରମଣରେ ସହଯୋଗ କରିଥିଲେ। କଂଟିଗଡିଆ ଭଜନ ମଣ୍ଡଳ ପକ୍ଷରୁ ସାଇସେବକ ଅଧାପକ ତୃହିନାଂଶୁ ରଥ, ପ୍ରାକ୍ତନ ସରପଂଚ ସଂଜୀବ ଜେନା, ସମିତିସଭ୍ୟ ଅରୁପାନନ୍ଦ ଜେନା, କଂଟିଗଡିଆ ସରପଂଚ ପ୍ରଶାନ୍ତ ରାଉତ, କାର୍ତିକ ଜେନା, ପ୍ରଫୁଲ୍ଲ ବେହେରା, ଦୁଃଶାସନ ବେହେରା, ସୁବାଷ ପଣ୍ଡା, ପ୍ରଭାତ ମହାପାତ୍ର, ବ୍ରହ୍ମାନନ୍ଦ ପଣ୍ଡା, ସାଇ ଆଶ୍ରିତା ଅପାବୃତାରଥ ସ୍ୱାତିପ୍ରିୟା ଜେନା, ମୋନାଲିସା ଜେନା, କ୍ରିଷ୍ଣା ରଥ, ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ମହାରଣା, ଅନାମ ଚରଣ ମହାପାତ୍ର, ସୁଶାନ୍ତ କୁମାର ବିଶ୍ୱାଳ ସମେତ ସହସହ ସଂଖ୍ୟାରେ ଶ୍ରଦ୍ଧାଳୁ ସେବକମାନେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଭଗବାନ ଶ୍ରୀସତ୍ୟସାଇଙ୍କ ଦିବ୍ୟବାଣୀ ଦିବ୍ୟ ସନ୍ଦେଶକୁ ଗ୍ରାମାଂଚଳରେ ଅଧିକଭାବେ ପ୍ରଶାରିତ କରିବା ପାଇଁ ଏହି ଦିବ୍ୟ ପାଦୁକା ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ଟ୍ରଷ୍ଟି ସଭ୍ୟ ଶ୍ରୀ ରାୟ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଦିବ୍ୟ ପାଦୁକା ରଥକୁ ହାଉସିଂ ପ୍ରୋଜେକ୍ଟ ବାଲିଆ, ବାଙ୍କସାହି ଓ ହାଟସିମା ଗ୍ରାମକୁ ସନ୍ଧ୍ୟା ସମୟରେ ନିଆଯାଇଅଛି।

# ଭାରତର ରାଷ୍ଟ୍ରପତି ନିର୍ବାଚନ



ଭାରତର ସମ୍ବିଧାନର ୫୨ ଧାରା ଅନୁଯାୟୀ ଦେଶରେ ଶାସନ ମୁଖ୍ୟ ହିସାବରେ ଜଣେ ରାଷ୍ଟ୍ରପତି ଥିବାର ବ୍ୟବସ୍ଥା ରହିଛି। ସେ ଏକାଧାରରେ ଶାସନ ଓ ସୈନ୍ୟବାହିନୀର ମୁଖ୍ୟ। ତାଙ୍କର କ୍ଷମତା କାଳ ୫ ବର୍ଷ। ସେ ଦିଲ୍ଲୀ ରାଷ୍ଟ୍ରପତି ଭବନରେ ରହନ୍ତି। ସିମଲାଠାରେ ରିଟ୍ରିଟ ହାଉସ ନାମରେ ତାଙ୍କର ଏକ ଗ୍ରୀଷ୍ମକାଳୀନ ଭବନ ମଧ୍ୟ ଅଛି। ବର୍ତମାନ ରାଷ୍ଟ୍ରପତି ଥିବା ରାମନାଥ କୋବିନ୍ଦ ଦେଶର ୧୪ତମ ରାଷ୍ଟ୍ରପତି ଅଛନ୍ତି। ଆସନ୍ତା ତା୧୮ .୭ .୨୨ରିଖରେ ନୂତନ ରାଷ୍ଟ୍ରପତି ନିର୍ବାଚନ ହୋଇ ୨୨ ତାରିଖରେ ଗଣତି ହେବାର ସ୍ଥିର ହୋଇଛି। ୧୯୪୭ ମସିହାରେ ଭାରତ ସ୍ୱାଧୀନତା ପାଇଲା ବେଳେ ଏହି ଦେଶର ଶାସନ ମୁଖ୍ୟ ଇଂଲଣ୍ଡର ରାଣୀ ଓ ତାଙ୍କର ପ୍ରତିନିଧି ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଂଟବାଟେନ ଥିଲେ। ୧୯୪୮ ଜୁନ ପରେ ଜଣେ ଭାରତୀୟ ଚକ୍ରବର୍ତୀ ରାଜଗୋପାଳ ଆଚାରୀ ଗଭର୍ଣ୍ଣର ଜେନେରାଲ ହେଲେ। ଏହାମଧ୍ୟରେ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ସଭା ନୂତନ ସମ୍ବିଧାନ ପ୍ରଣୟନ କଲା। ଏହା ୨୬.୧୧.୧୯୪୯ ମସିହାରେ ଗୃହିତ ହୋଇ ଜାନୁଆରୀ ୨୬, ୧୯୫୦ ମସିହା ଦିନ କାର୍ଯ୍ୟକାରୀ ହେଲା। ସମ୍ବିଧାନ ସଭା ପାର୍ଲିଆମେଂଟରେ ପରିଣତ ହେଲା। ଭାରତ ଏକ ରିପ୍ଲବିକ ଘୋଷିତ ହେଲା। ଗଭର୍ଣ୍ଣର ଜେନେରାଲ ବଦଳରେ ଡଃ ରାଜେନ୍ଦ୍ର ପ୍ରସାଦ ଭାରତର ରାଷ୍ଟ୍ରପତି ନିଯୁକ୍ତ ହେଲେ। ସେବେଠାରୁ ପା-ଂଚବର୍ଷରେ ଏହି ନିର୍ବାଚନ ହୋଇଆସୁଛି। ଏହାମଧ୍ୟରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଡଃ ଜାକିର ହୁସେନ, ଫକିରଉଦ୍ଦିନ ଅଲ୍ଲୀ ଅହମଦ, ଭିଭି ଗିରି, ସଂଜୀବ ରେଡି, ଜ୍ଞାନୀ ଜୈଲ ସିଂ, ପ୍ରତିଭା ପାଟିଲ, କେ.ଆର. ନାରାୟଣ, ଡଃ ଅବଦୁଲ କାଲାମ, ପ୍ରଣବ ମୁଖାର୍ଜୀଙ୍କ ଭଳି ଜ୍ଞାନୀ ଓ ଗୁଣୀ ବ୍ୟକ୍ତି ଏହି ପଦ ଅଳଂକୃତ କରିଛନ୍ତି। ଏକମାତ୍ର ସଂଜୀବ ରେଡି ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ (୧୯୭୭)। ଭିଭି ଗିରିଙ୍କ ସମୟରେ ପ୍ରତିଦ୍ୱନ୍ଦ୍ୱିତା ଅତି ତୀବ୍ର ହୋଇଥିଲା, ଯାହା ଭାରତର ଇତିହାସର ଗତି ବଦଳାଇ ଦେଇଥିଲା। ସମ୍ବିଧାନର ୫୬ ଧାରା ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ସ୍ଥିର କରିଛି। ଏହି ନିର୍ବାଚନ ପରୋକ୍ଷରେ ଏକ ଇଲେକ୍ଟୋରାଲ କଲେଜ ଦ୍ୱାରା ହୋଇଥାଏ। ଏହାକୁ Propertional Representation with SIngle transferable Vote କୁହାଯାଏ। ସମସ୍ତ ପାର୍ଲାଆମେଂଟ (ଉଭୟ ରାଜ୍ୟସଭା ଓ ଲୋକସଭା) ୨୮ ରାଜ୍ୟର ବିଧାନସଭା ସଭା, ଦିଲ୍ଲୀ, ଗୋଆ, ଜାମୁ କାଶ୍ମୀର ଓ ପଣ୍ଡିଚେରୀ କେନ୍ଦ୍ରଶାସିତ ରାଜ୍ୟ ନିର୍ବାଚିତ ପ୍ରତିନିଧି ଏହାର ସଭ୍ୟ ଅଟନ୍ତି। (୭୭୬ ଏମପି ଓ ୪୧୨୦ ବିଧାୟକ) ମନୋନିତ ସଭ୍ୟଙ୍କ ଭୋଟଦାନ ଅଧିକାର ନାହିଁ। ସମସ୍ତ ଭୋଟଦାତାଙ୍କର ଭୋଟର ମୂଲ୍ୟ ସମାନ ନୁହେଁ। ସେମାନେ ପ୍ରତିନିଧିତ୍ୱ କରୁଥିବା ଜନସଂଖ୍ୟା ଅନୁଯାୟୀ ସେମାନଙ୍କର ଭୋଟ୍‌ର ମୂଲ୍ୟ କମ୍ ବେଶି ହୋଇଥାଏ। ରାଜ୍ୟର ଲୋକସଂଖ୍ୟା/ବିଧାନସଭା ସଭ୍ୟ ସହ ୧୦୦୦ ଗୁଣନ ହେଲେ ରାଜ୍ୟର ଭୋଟ୍ ମୂଲ୍ୟ ବାହାରିବ। ପାର୍ଲିଆମେଂଟର ସମୁଦାୟ ସଭ୍ୟଙ୍କ ଭୋଟ୍ ମୂଲ୍ୟ ରାଜ୍ୟର ବିଧାୟକଙ୍କ ସାମଗ୍ରିକ ଭୋଟ ସହ ସମାନ। ନିର୍ବାଚନର ସମୁଦାୟ ଭୋଟ୍‌ର ମୂଲ୍ୟ ୧୦୯୮୯୦୩, ଜଣେ ୫୪୯୪୫୨ ଭୋଟ ପାଇଲେ ନିର୍ବାଚିତ ହେବେ। ଜଣେ ସାଂସଦର ଭୋଟ ମୂଲ୍ୟ ୭୦୦। ଉତରପ୍ରଦେଶର ବିଧାୟକଙ୍କ ଭୋଟ ମୂଲ୍ୟ ୨୦୮, ମହାରାଷ୍ଟ୍ରର ୧୭୮, ଅରୁଣାଚଳ ପ୍ରଦେଶର ମାତ୍ର ୮। ଏହି ଭୋଟରେ ପାର୍ଟି ହ୍ୱିପ ଚଳେନାହିଁ। ନିଜ ଇଚ୍ଛାରେ ଜଣେ ସଭ୍ୟ ଗୁପ୍ତ ଭୋଟ ଦେଇପାରିବ। ଏକ ସ୍ୱତନ୍ତ୍ର କଲମ ଯାହାକି ଭୋଟକେନ୍ଦ୍ରରେ ସେମାନଙ୍କୁ ଦିଆଯିବ ସେଥିରେ ଭୋଟଦାତା ନିଜର ମତ ପ୍ରକାଶ କରିବେ। ଭୋଟଦାତା ନିଜ ଚୟନରେ ପ୍ରଥମ ଦ୍ୱିତୀୟ ପସନ୍ଦ ଚୟନ କରିଥାଆନ୍ତି। କୌଣସି ପ୍ରାର୍ଥୀ ପ୍ରଥମ ଚୟନରେ ସଂଖ୍ୟାଗରିଷ୍ଠତା ନପାଇଲେ ଦ୍ୱିତୀୟ ପସନ୍ଦ ଗଣାଯାଏ। ଏହିପରି ସଂଖ୍ୟା ପାଇବା ପର୍ଯ୍ୟନ୍ତ ଗଣତି ଚାଲିଥାଏ। ଆମ ଦେଶରେ ପ୍ରାୟ ଦୁଇଜଣ ପ୍ରାର୍ଥୀ ରହୁଥିବାରୁ ଏହି ପ୍ରକ୍ରିୟା ଆବଶ୍ୟକ ପଡିନାହିଁ। ନିର୍ବାଚନ ପାଇଁ ଅତିକମ୍‌ରେ ୫୦ ଜଣ ସଭ୍ୟଙ୍କ ପ୍ରସ୍ତାବକ ଓ ଆଉ ପଚାଶ ଜଣ ସମର୍ଥକ ଦରକାର। ପ୍ରାର୍ଥୀ ଭାରତୀୟ ନାଗରିକ, କୌଣସି ଲାଭଜନକ ସଂସ୍ଥାରେ ସଂପୃକ୍ତ ନଥିବେ, ୩୫ ବର୍ଷ ବୟସ ହୋଇଥିବ, ଏହିଭଳି କିଛି ସର୍ତ ରହିଛି। ଆମର ପାର୍ଲିଆମେଂଟାରି ଗଣତନ୍ତ୍ର ଚାଲିଥିବାରୁ ମନ୍ତ୍ରୀମଣ୍ଡଳ ହାତରେ ବାସ୍ତବ କ୍ଷମତା ରହିଛି। ମାତ୍ର ପଦବୀ ଓ ବ୍ୟକ୍ତିତ୍ୱର ଗାରିମାରେ ରାଷ୍ଟ୍ରପତି ନିଜ ପଦବୀର ସମ୍ମାନ ରକ୍ଷା ସହ ମନ୍ତ୍ରୀମଣ୍ଡଳର ଜନବିରୋଧୀ କାର୍ଯ୍ୟ ଉପରେ ନିୟନ୍ତ୍ରଣ ରଖିପାରିବେ।





—ଡାଃ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

# ମାନ୍ୟବର ରାଜ୍ୟପାଳଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର (ପିଏନ୍)- ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବାଲେଶ୍ୱର ଗସ୍ତରେ ଆସି ଫକୀରମୋହନ ବିଶ୍ୱବିଦ୍ୟାଳୟରର ୨୪ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ପରେ ସେ ଅପରାହ୍ନ ୪ଘଟିକା ସମୟରେ ଭୀମପୁରା କୋଶମ୍ଭନଗର ସ୍ଥିତ ବାଲେଶ୍ୱରୀ ହସ୍ତକଳା କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ବାମପଦା, ନୀଳଗିରି, କୋଶମ୍ଭନଗର, ଅରଡବଜାର, ନଳମଗଂଜ ପ୍ରଭୃତି ଅଂଚଳର ଜଉକଣ୍ଢେଇ ଶିଳ୍ପୀଙ୍କ ଦ୍ୱାରା ଆୟୋଜିତ ଜଉକଣ୍ଢେଇ ପ୍ରଦର୍ଶନୀକୁ ଦେଖିବା ସହିତ ଶିଳ୍ପୀମାନଙ୍କୁ ଜଉକଳାର ପ୍ରଚାର ପ୍ରସାର ସମ୍ପର୍କରେ ପଚାରି ବୁଝିଥିଲେ। ହସ୍ତକଳା କେନ୍ଦ୍ରରେ ସେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଓଡିଆ ପାରମ୍ପରିକ ଖାଦ୍ୟକୁ ଚାଖିଥିଲେ। ଶିଳ୍ପୀ କେଶୁ ଦାସଙ୍କ ସମେତ ଅନ୍ୟାନ୍ୟ ଜଉଶିଳ୍ପୀ ଓ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦର କର୍ମକର୍ତାମାନେ ସେଠାରେ ଉପସ୍ଥିତ ଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଜଉରେ ନିର୍ମିତ କଳାକୃତି, ଆକର୍ଷଣୀୟ ରେମୁଣା କଂସାବାସନ ଏବଂ ଅନ୍ୟାନ୍ୟ ଉପହାର ପ୍ରଦାନ କରାଯାଇଥିଲା। ଏହା ପରେ ସେ ସହଦେବଖୁଂଟା ସ୍ଥିତ ଉତ୍କଳ ବାଳାଶ୍ରମ ପରିଦର୍ଶନ କରି ଅନ୍ତେବାସୀମାନଙ୍କ ସହ କିଛି ସମୟ ବିତାଇଥିଲେ। ପିଲାମାନଙ୍କ ହସରେ ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କ ପ୍ରତିରୂପ ଦେଖିପାରୁଥିବା କହି ଏହା ତାଙ୍କ ପାଇଁ ଅତ୍ୟନ୍ତ ଖୁସିର ମୁହୂର୍ତ୍ତ ବୋଲି ସେ କହିଥିଲେ। ବାଳାଶ୍ରମର ପରିଚାଳନା ସମ୍ପର୍କରେ ବୁଝିବା ସହିତ ପିଲାମାନଙ୍କୁ ପାଖରେ ବସାଇ ଭଲମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହା ପରେ ପରେ ସେ ଶାନ୍ତିକାନନ ଗସ୍ତ କରି ଓଡିଆ ଭାଷାର ତ୍ରାଣକର୍ତା ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତାମାନଙ୍କଠାରୁ ବ୍ୟାସକବିଙ୍କ ଜୀବନୀ ଓ ଶାନ୍ତିକାନନର ମହତ୍ୱ ସମ୍ପର୍କରେ ସୂଚନା ପ୍ରାପ୍ତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ପୁଲିସ ଅଧିକାରୀ ମାନ୍ୟବର ରାଜ୍ୟପାଳଙ୍କ ବାଲେଶ୍ୱର ଗସ୍ତ ସମୟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଜୁଲାଇ ୧୭**

# ସାହାଯ୍ୟ କର ନିରନ୍ତର !



ଏ କର୍ମମୟ ସଂସାରରେ ଅନେକ କୁହନ୍ତି ଯେ ମୋ ପାଖରେ ଧନ, ସମ୍ପଦ ବା କ୍ଷମତା ନାହିଁ ମୁଁ କାହାର କିଛି ସାହାଯ୍ୟ କରିପାରିବି ବୋଲି। ଭଗବାନ ଯଦି ଆମକୁ ମୁଠାଏ ଭାତ ଦେଇଛନ୍ତି ଆମେ ତାହା ମଧ୍ୟରୁ ଏକ ଚାମଚ ଦାନ କରିପାରିବା। ଗୋଟିଏ ଗ୍ଲାସର ପାଣିରୁ ଅଧା ଭାଗଟି ଜଣେ ଶୋଷିଲାକୁ ଦେଇପାରିବା। ତେବେ ଏ ସବୁ ଆମେମାନେ ଚାହିଁଲେ ହିଁ ସମ୍ଭବ। ଏ ସଂସାରର କ୍ରୀତଦାସ ନ ହୋଇ ଏହାର ପ୍ରଭୁ ହେବାକୁ ଆମେମାନେ ଚେଷ୍ଟା କରିବା ଦରକାର। କିନ୍ତୁ ଯେତେ ଦିନ ଯାଏଁ ଆମେ ବସ୍ତୁଗତ ଆନନ୍ଦ ଓ ସାଂସାରିକ ସୁଖ ଚାହୁଁଥିବା, ଛୋଟ ଛୋଟ କ୍ଷଣସ୍ଥାୟୀ କାମନା ପୂରଣ କରିବାକୁ ମନ କରୁଥିବା, ସେ ପର୍ଯ୍ୟନ୍ତ ତ ସଂସାରର କ୍ରୀତଦାସ ହେବାକୁ ବାଧ୍ୟ। ଯିଏ କାମନାର ଦାସ ହୋଇପଡ଼େ, ସେ ସଂସାରର ଦାସ ହୁଏ। ଭଗବାନ କେବଳ ତାଙ୍କୁ ନିଜର କରିପାରନ୍ତି। ପ୍ରତ୍ୟେକେ ଯଦି ନିଜ ନିଜର କର୍ତ୍ତବ୍ୟ ସଠିକ ଭାବେ ପାଳନ କରନ୍ତି ତେବେ ପ୍ରକୃତିରେ ବିକୃତି ଦେଖାଦେବନାହିଁ। ବରଂ ପ୍ରକୃତିରେ ସାମ୍ୟ ଓ ଶୃଙ୍ଖଳା ଦେଖାଦେବ। ପ୍ରକୃତି ଉପରେ ପ୍ରଭୁତ୍ୱ ହାସଲ କରିବାର ଏକମାତ୍ର ଉପାୟ ହେଉଛି ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ। ଆମେ ଯେଉଁଠାରୁ ଆସିଛୁ, ଆମର ସେଇ ପ୍ରକୃତ ଘରକୁ ଆମେ ଭୁଲି ଗଲୁଣି। ଗୋଟିଏ ଛୋଟ ଉଦାହରଣ ଦେଉଛି। ଜଣେ ରାଜା ଗୋଟିଏ ଶୁଆ ପୋଷିଥିଲେ। ସେ ତାକୁ ରସାଳ ଫଳମାନ ଖୁଆଉଥିଲେ, ସୁମିଷ୍ଟ ରସ ପିଆଉଥିଲେ ଏବଂ ଗୋଟିଏ ସୁନ୍ଦର ସୁନା ପଞ୍ଜୁରୀରେ ରଖିଥିଲେ। କିନ୍ତୁ ସେ ଶୁଆଟି ତିଳେ ହେଲେ ସୁଖ ପାଉ ନଥିଲା। କାହିଁକି? ସେ ଚାହୁଁଥିଲା, ପୁଣି ତା'ର ସେଇ ଗଛ ଡାଳରେ ଥିବା ବସାକୁ ଉଡିଯାଆନ୍ତା, ବିଭିନ୍ନ ଗଛର ତଟକା ଫଳ ଖାଇ ସ୍ୱାଧୀନ ଭାବରେ ରହନ୍ତା। ଆଜିକାଲିର ମଣିଷ ସେ ଶୁଆଠାରୁ ମଧ ବୁଦ୍ଧିଆ ନୁହେଁ। ସେ ନିଜ ଘରକୁ ଫେରିଯିବାକୁ ମୋଟେ ଆଗ୍ରହ ପ୍ରକାଶ କରୁନାହିଁ। ଜଣେ, ଖୁବ ବଡ଼ ପଣ୍ଡିତ ତ' ହୋଇପାରନ୍ତି, ମହାନ ହୋଇ ନପାରେ। ନିଜ ଘରଠାରୁ ବଡ଼ ଆଉ କିଛି ହୋଇ ନପାରେ। ନିଜ ଘରେ ଏକ ସରଳ ଜୀବନଯାପନ କରିବା ଅପେକ୍ଷା, ବିଦେଶରେ ବିଳାସୀ ଜୀବନ ମଧ୍ୟ ନିକୃଷ୍ଟତର। ଆମର ପ୍ରକୃତ ସ୍ୱଭାବ ହେଉଛି ଦିବ୍ୟ-ଆନନ୍ଦ- ତାହା କେବଳ ମୋକ୍ଷରେ, ଆତ୍ମାର ମୁକ୍ତିରେ ହିଁ ମିଳିବ। କଥିତ ଅଛି ଯେ 'ସତ୍ୟମେବ ଜୟତେ'। ଅର୍ଥାତ୍ ସତ୍ୟର ବିଜୟ ସୁନିଶ୍ଚିତ। ସତ୍ୟ କ'ଣ? ଯାହା ଦେଖିଛ, ଯାହା ଶୁଣିଛି ବା ଯାହା ପଢ଼ିଛି, ଠିକ ସେୟା କହିବାକୁ ହେବ। ଚିନ୍ତା, କଥା ଓ କାମରେ ସମତାଳ ରହିବା ଉଚିତ। ନିଜେ କରିଥିବା ଶପଥ ବା ପ୍ରତିଜ୍ଞା ରକ୍ଷା ଲାଗି ସମସ୍ତ ପ୍ରକାର ପ୍ରଲୋଭନ ଓ ଅସୁବିଧାକୁ ଏଡ଼େଇବା ପାଇଁ ପ୍ରସ୍ତୁତ ହେବା ଉଚିତ। ଥରେ ମିଛ କହିବା ଅଭ୍ୟାସ ହୋଇଗଲେ, ଛାଡ଼ିବା କଷ୍ଟକର ହୋଇପଡ଼େ। ଦଣ୍ଡ ପାଇବା ଭୟରୁ ପିଲାମାନେ ମିଛ କଥା କହିଥାନ୍ତି, କିନ୍ତୁ ମନେରଖ ସେ ଦଣ୍ଡ ଆମର ଭବିଷ୍ୟତ ମଙ୍ଗଳ ପାଇଁ। ଜଣେ ଭୁଲ କରିପାରେ, କିନ୍ତୁ ସେ ସେଥିପାଇଁ ଅନୁତାପ ଓ ଅଙ୍ଗୀକାର କରିବା ଉଚିତ। ଆମେ ସମସ୍ତେ ହରିଶ୍ଚନ୍ଦ୍ରଙ୍କ ଗଳ୍ପ ଜାଣିଛେ-ନିଜର ସତ୍ୟ ରକ୍ଷା କରିବା ପାଇଁ ସେ କିଭଳି ତାଙ୍କ ରାଜ୍ୟ ଛାଡ଼ିଲେ ସ୍ତ୍ରୀ, ପୁତ୍ରକୁ ବିକ୍ରୟ କରିଥିଲେ। ସତ୍ୟ କେବଳ ଆମକୁ ଚିରନ୍ତନ ଯଶ ଓ ଖ୍ୟାତି ଦେଇପାରିବ।





ସତ୍ୟ କହିବା ଲାଗି ଓ ସାଧୁତା ଲାଗି ତୁମକୁ କ୍ଷମା ଆଚରଣ କରିବାକୁ ପଡ଼ିବ। ଯେ କୌଣସି କ୍ଷେତ୍ର ହେଉ ନା କାହିଁକି, ଯେକୌଣସି ପ୍ରଚେଷ୍ଟା ହେଉନା କାହିଁକି ସେଥିରେ ସଫଳ ହେବାକୁ ହେଲେ, କ୍ଷମା ଭାବ ନିହାତି ଦରକାର। ଋଷି ଓ ମହାତ୍ମାମାନଙ୍କ ପକ୍ଷରେ କ୍ଷମା ଆଚରଣ କରିବା ମଧ କଷ୍ଟକର ହୋଇ ପଡ଼ିଛି। ଏହି କ୍ଷମା ଅସ୍ତ୍ର ସାହାଯ୍ୟରେ ଆମେ ସବୁ ପ୍ରକାର ବାଧାବିଘ୍ନକୁ ଦୂରେଇ ଦେଇ କୃତକାର୍ଯ୍ୟ ହୋଇପାରିବା। ଯେଉଁ ଗୁଣ ଗୁଡ଼ିକ ପରିତ୍ୟାଗ କରିବାକୁ ହେବ, ସେଗୁଡ଼ିକ ହେଲା, ଈର୍ଷା ଓ ଅହଂକାର। ଈର୍ଷା ଉଇଙ୍କ ଭଳି ଗଛର ଚେରକୁ କାଟି ପକାଏ ସଂସାରରେ ଭୋଗିବାକୁ ପଡୁଥିବା ସମସ୍ତ ରୋଗ ଓ ଦୁଃଖର ମୂଳକାରଣ ହେଉଛି ଈର୍ଷା। ଆମଠାରୁ ବେଶି ପାଉଥିବା ଭଲ, ପିନ୍ଧୁଥିବା ଓ ବଡ଼ ପଦବୀରେ ଥିବା ପିଲାମାନଙ୍କ ପ୍ରତି ଆମେ ଈର୍ଷାପରାୟଣ ହେବା ଉଚିତ ନୁହେଁ। ଅପରପକ୍ଷରେ, ଅନ୍ୟମାନଙ୍କର ସଫଳତାରେ ଆମେ ଆନନ୍ଦିତ ହେବା ଉଚିତ। ଯେଉଁମାନେ ଏହି ଈର୍ଷାରୁ ମୁକ୍ତ ସେଇମାନେ ହିଁ ଭଗବାନଙ୍କ ପ୍ରିୟ ସନ୍ତାନ। ସର୍ବୋପରି ଆମର ଶୃଙ୍ଖଳା ଅଭ୍ୟାସ କରିବାକୁ ହେବ। ଶୃଙ୍ଖଳା ବିନା କୌଣସି ନିୟମ ରହିବ ନାହିଁ, କେବଳ ଗୋଳମାଳ ଓ ଅବ୍ୟବସ୍ଥା ହିଁ ସାର। ଶୃଙ୍ଖଳା, କର୍ତ୍ତବ୍ୟ ଓ ଭକ୍ତି ତିନଟିକୁ ଜୀବନରେ ପାଳନ କରିବା ଜରୁରୀ। ଆଉ ଗୋଟିଏ ଗୁଣ ଅଭ୍ୟାସ କରିବାକୁ ହେବ, ତାହା ହେଉଛି ତ୍ୟାଗ। ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଗୁଣ ହିଁ ତ୍ୟାଗ। ଆମ ଶକ୍ତି ଓ ସାମର୍ଥ୍ୟ ଭିତରେ ରହି ସେମାନଙ୍କୁ ସାହାଯ୍ୟ କରିବା। ମନେପଡୁଛି ଏକ ଭଗବତ ବାଣୀ- *'ସାହାଯ୍ୟ କର ନିରନ୍ତର, କ୍ଷତି ନକର କାହାର।'*

**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪

## ଆଜିର ଅନୁଚିନ୍ତା

*କୁଳ ଯେପରି, ଆଚାର ସେହିପରି। ଅର୍ଥାତ୍ ବ୍ୟକ୍ତି ନିଜେ ଯାହା ଶିଖିଥାଏ, ତଦନୁସାରେ ତା'ର ଆଚାର ବ୍ୟବହାର ପ୍ରକାଶ ପାଇଥାଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଧର୍ମ ଓ ବିଜ୍ଞାନ ବିଶ୍ୱାସରୁ ସୃଷ୍ଟି

ବିଶ୍ୱାସରେ ସଂସାର ଚଳେ, ବିଶ୍ୱାସରୁ ଜାତ ହୁଏ ବନ୍ଧୁତା ଓ ମମତା। ପରେ ରୂପାନ୍ତରିତ ହୁଏ ଏହା ଦୟା, କ୍ଷମା, ପ୍ରେମ ଓ ଅହିଂସାରେ। ମାନବର ଏହି ଦିବ୍ୟଗୁଣ ସଂସାରକୁ ସୁଖମୟ କରେ। ମନେହୁଏ ଶରୀରରେ ନିଃଶ୍ୱାସ ପ୍ରଶ୍ୱାସ ଚାଲିଥିବା ଯାଏ ବିଶ୍ୱାସ ଆସ୍ଥାନ ଜମାଇଥିବ। ଏଥିପାଇଁ ବିଜ୍ଞଲୋକେ କହନ୍ତି, "ବିଶ୍ୱାସେ ମିଳନ୍ତି ହରି, ତର୍କେ ବହୁଦୂର"। ବାବା, ମାତା, ଗୁରୁ, ଜ୍ୟୋତିଷ ସମସ୍ତେ ଏହି ବିଶ୍ୱାସର ମହିମା ଗାନ କରନ୍ତି। ଏପରିକି ଉଚ୍ଚ ଉପାଧିଧାରୀ ଡାକ୍ତର କହନ୍ତି "ଆମକୁ ବିଶ୍ୱାସ ନ କଲେ ରୋଗ ଭଲ ହେବନି, ଆମ ଔଷଧ ପୂରା ଫଳ ଦେବନି"। ରୋଗୀ ବି କହେ, "ଡାକ୍ତରଙ୍କ ହାତ ଭଲ"। ଏହି ଭଲ ହାତଟି ହେଲା ଏକ ବିଶ୍ୱାସ। ସେହି ବିଶ୍ୱାସ ଟିକକ ଜନ୍ମାଇ ନପାରିଲେ ଡାକ୍ତର ହାତ ବାନ୍ଧି ବସନ୍ତି। ତାଙ୍କ ବିଦ୍ୟା ଓ ଉପାଧି କାମ କରେନା। ବରଂ ଲୋକେ କହନ୍ତି, ତାଙ୍କ ହାତ ବାଜିଲେ ରୋଗ ବଢିଯାଏ। ବୈଜ୍ଞାନିକମାନେ କହନ୍ତି ଏସବୁ ଅନ୍ଧବିଶ୍ୱାସ। ନାନା ରୂପରେ ଆମ ସମାଜରେ ଆସ୍ଥାନ ଜମାଇ ରହିଛି।

ଯାହା ହେଉନା କାହିଁକି ଧର୍ମ ଓ ବିଜ୍ଞାନର ଉତ୍ପତି ଏକ ବିଶ୍ୱାସରୁ। ରବିବାର ଗୀର୍ଜାକୁ ଗଲେ, ଶୁକ୍ରବାର ମସଜିଦ୍‌ରେ ନମାଜ ପଢିଲେ କି ସୋମବାର ମନ୍ଦିରରେ କ୍ଷୀର ଢାଳିଲେ ପୂଣ୍ୟ ହୁଏ, ଏହା ବିଭିନ୍ନ ସଂପ୍ରଦାୟର ପ୍ରଚଳିତ ବିଶ୍ୱାସ। କେଉଁ ଯୁଗରୁ ତାହା ଚଳି ଆସୁଛି। ଏଥିପାଇଁ ଯିଏ ପରୀକ୍ଷା ବା ପ୍ରମାଣ ଖୋଜିଛି ତାକୁ ବିଧର୍ମୀ କୁହାଯାଇଛି। ଏ ପ୍ରଥାକୁ ସନ୍ଦେହ କରିବା ମଧ ପାପ ବୋଲି ବିବେଚିତ।

ସେହିପରି ବିଜ୍ଞାନ ମଧ ଏକ ବିଶ୍ୱାସରୁ ଆରମ୍ଭ ହୁଏ। ବୈଜ୍ଞାନିକ ଭାଷାରେ ତାହା ପ୍ରକଳ୍ପ (Hypothesis) ବା ସ୍ୱୀକାର (Assumption)। ପ୍ରକଳ୍ପ ବା ସ୍ୱୀକାର ବୈଜ୍ଞାନିକର ଏକ ଧାରଣା ବା ବିଶ୍ୱାସରୁ ଜାତ ହୁଏ। ବିଭିନ୍ନ ପ୍ରାକୃତିକ ଘଟଣା ପର୍ଯ୍ୟବେକ୍ଷଣ କରି କିମ୍ବା ମାନସିକ ସ୍ତରରେ ପର୍ଯ୍ୟାଲୋଚନା କରି ବିଶ୍ୱାସ ନ ଜନ୍ମିଲେ ବୈଜ୍ଞାନିକ କେବେ ପ୍ରକଳ୍ପ ବା ସ୍ୱୀକାର ପାଖରେ ପହଂଚିପାରେ ନାହିଁ। ଜଣେ ସାଧାରଣ ମଣିଷ କେବଳ ଲୋକଶୁଣା କଥାରେ ଢଳିଯାଇ ତଥାକଥିତ ସାଧୁବାବାଙ୍କ ମହିମା ବା ଠାକୁରଙ୍କ ପ୍ରଭାବର ସ୍ତାବକ ପାଲଟିଯାଏ।

ଧର୍ମ ଓ ବିଜ୍ଞାନ ଉଭୟ ବିଶ୍ୱାସରୁ ଉତ୍ପନ୍ନ ହୋଇଥିଲେ ମଧ ସେମାନଙ୍କ ମଧ୍ୟରେ ତଫାତ୍ ରହିଛି। ବିଜ୍ଞାନର ସ୍ୱୀକାର ବା ପ୍ରକଳ୍ପରୁ ନିଷ୍ପନ୍ନ ସିଦ୍ଧାନ୍ତ ବାରମ୍ବାର ପରୀକ୍ଷା କରାଯାଏ। ପ୍ରକୃତିରେ ଗବେଷଣାଗାରର କୃତ୍ରିମ ପରୀକ୍ଷାରେ ସତ କଥା ଜଣାପଡିଲେ ତାହା ବୈଜ୍ଞାନିକ ନିୟମ (Law) ଅନ୍ତଃତ ହୁଏ। ତାହା ନ ହେଲେ ମୂଳ ସ୍ୱୀକାର ବା ପ୍ରକଳ୍ପ ତଥ୍ୟ ଖାଇଯାଏ।



କିନ୍ତୁ ଧର୍ମରେ ପରୀକ୍ଷା ବା ସନ୍ଦେହର ସ୍ଥାନ ନାହିଁ। ଧର୍ମ ବିଶ୍ୱାସରୁ ବିଚ୍ୟୁତ ହୁଏ ନାହିଁ। କାହିଁକି ଏପରି ବିଶ୍ୱାସ କରିବୁ ପ୍ରଶ୍ନ ପଚାରିବା ପାପ। ଜଣେ ଗୁରୁଙ୍କ ସହ ନ ମିଳିଲେ ଅନ୍ୟ ଗୁରୁ ଖୋଜ। ଯେଉଁ ଗୁରୁଙ୍କ ସହିତ ମିଳିଲା ନାହିଁ ତାଙ୍କ ନିନ୍ଦା ଗାଇଲେ କେହି ଶୁଣିବେ ନାହିଁ। କେବଳ ନିନ୍ଦୁକ ଆଖ୍ୟା ହିଁ ସାର ହେବ। ଗୁରୁ ମହିମାକୁ ପରୀକ୍ଷା କରାଯାଏ ନାହିଁ। ଭକ୍ତଙ୍କ ଜୟ ଗାନ ଓ ବିହ୍ୱଳିତ କୋଳାହଳ ମଧ୍ୟରେ ବିଦ୍ରୋହୀ ଶିଷ୍ୟଙ୍କ ନିଶ୍ଚିହ୍ନ ହୋଇଯାଏ।

କିନ୍ତୁ ବିଜ୍ଞାନର ସ୍ୱତନ୍ତ୍ରତା ହେଲା, ଯାହାକୁ ଆଧାର ସେ ଗଢିଉଠେ, ସେହି ଆଧାରର ସଂଗଠିତ ମଧ ପରୀକ୍ଷା ସେ କରିବସେ। ନିଉଟନଙ୍କ ଗତି ନିୟମ, ତାପ ଗତି ବିଜ୍ଞାନ ନିୟମ; ଆଇନଷ୍ଟାଇନଙ୍କ ଆପେକ୍ଷିକବାଦ କ୍ୱାଂଟମ୍ ନିୟମ ପ୍ରତ୍ୟେକ ଏକ ପ୍ରକାର ସ୍ୱୀକାରରୁ ପ୍ରଣୀତ;ଏବେ ବି ସେଗୁଡିକ ବିଭିନ୍ନ ପରୀକ୍ଷାର ସମ୍ମୁଖୀନ। ବିଜ୍ଞାନର ନିୟମ ଏକ ଉଦାରତା ପରିସର ମଧ୍ୟରେ ନିରନ୍ତର ପରିବର୍ତିତ ଓ ପରିମାର୍ଜିତ ହୋଇଲାଗିଛି ଓ ଲାଗିଥିବ। ଅବଶ୍ୟ ସେଗୁଡିକ ମଧ୍ୟରୁ ଅନେକ ରୀତିସିଦ୍ଧ ସତ୍ୟରେ ପରିଣତ ହୋଇଗଲାଣି। ତଥାପି ସ୍ଥଳବିଶେଷରେ ନୂତନ ଆବିଷ୍କାର ଓ ଉଦ୍ଭାବନ ନିକଟରେ ତାହା ଆହ୍ୱାନର ସମ୍ମୁଖୀନ। ବିଖ୍ୟାତ ବୈଜ୍ଞାନିକଙ୍କ ପ୍ରତିଷ୍ଠିତ ତତ୍ତ୍ୱ ବି ଜଣେ ସାଧାରଣ ଗବେଷକଙ୍କ ପରୀକ୍ଷାର ସମ୍ମୁଖୀନ ହୁଏ। ଏଠି ସ୍ଥାନ, କାଳ, ପାତ୍ରର ବିଚାର ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାର ଆବିଷ୍କାର ବାଂଲାଦେଶର ପରୀକ୍ଷାରେ ବି କାଟ ଖାଇପାରେ। କିନ୍ତୁ ଧର୍ମ କ୍ଷେତ୍ରରେ ପ୍ରତିଷ୍ଠିତ ମହାତ୍ମାଙ୍କ ବାଣୀର ପ୍ରତିବାଦ ଅସମ୍ଭବ।

ବିଜ୍ଞାନ ମତରେ ପ୍ରଥାକୁ ପାଥେୟ କରି ଯେଉଁ ଧର୍ମ ଗଢିଉଠିଲା ତାହା ପାରମ୍ପରିକ ଧର୍ମ। ଏକ ପରମ୍ପରା ଅନୁସରଣ କରି, ବିଶ୍ୱାସର ବଶବର୍ତୀ ହୋଇ ଗୋଷ୍ଠୀ ଓ ସମ୍ପ୍ରଦାୟ ଗଢିଉଠିଲା। ସେଥିରୁ ଜାତ ହେଲା ଗୋଷ୍ଠୀକନ୍ଦଳ ଓ ସାମ୍ପ୍ରଦାୟିକ ଦଙ୍ଗା, ରକ୍ତାକ୍ତ ସଂଘର୍ଷ ଓ ଉଗ୍ରବାଦ। ଧର୍ମଗୁରୁ ଓ ବଡପଣ୍ଡାମାନେ ହେଲେ ଏ ନରମେଧ ଯଜ୍ଞର ପୁରୋଧା।

ଏମାନଙ୍କ ବିଚାରରେ ବିଜ୍ଞାନ ଈଶ୍ୱରବିଶ୍ୱାସ କମାଇଦିଏ। ବିଜ୍ଞାନର ଚମତ୍କାରିତାରେ ବିହ୍ୱଳ ବସ୍ତୁବାଦୀମାନେ ଅନୈତିକ, ଅମଣିଷ, ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ। ଅଥଚ ଧର୍ମପୀଠ ଗଳିକନ୍ଦିରେ ମୁଣ୍ଡ ଟେକୁଛି। ଯାନିଯାତ୍ରା ନୂଆ ଢଙ୍ଗରେ ଦାଦା ଓ ମୁଖିଆଙ୍କ ହେପାଜତରେ ସପ୍ତାହ ସପ୍ତାହ ପାଳିତ ହେଉଛି। ଆଗେ ଆଙ୍ଗୁଠିରେ ଗଣିହେଲାଭଳି ମୁନିଋଷି ବଣରେ ଆଶ୍ରମ କରି ରହୁଥିଲେ। ଏବେ ଅପରିମିତ ବାବା ବିଦ୍ୟାଳୟ, ଖେଳପଡିଆ, ଦେବାଳୟ ପ୍ରାଙ୍ଗଣରେ ବୁଲି ବୁଲି ପ୍ରବଚନ ଶୁଣାଉଛନ୍ତି। କିନ୍ତୁ ସେ ତୁଳନାରେ ନୈତିକତାର ପ୍ରଗତି ନାହିଁ? ଯେତେ ଲୋକ ପ୍ରବଚନ ଶୁଣନ୍ତି ଓ ଯେତେ ଶିଷ୍ୟ ଏ ଦେଶରେ ଅଛନ୍ତି ତାହାର କେତେକାଂଶ ଯଦି ନୀତିବାଦୀ ଓ ମାନବବାଦୀ ହୁଅନ୍ତେ, ଶିଷ୍ୟ ଓ ଅନୁଗତଙ୍କ ସଙ୍ଗେ ତାଳ ଦେଇ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ପୁଲିସଙ୍କ ସଂଖ୍ୟା ବଢନ୍ତା ନାହିଁ।

ଏ ପାପବର୍ତ୍ତରୁ ନିସ୍ତାର ପାଇବାର ଏକମାତ୍ର ଉପାୟ ହେଲା ମାନବବାଦୀ ଧର୍ମାତ୍ମମାନଙ୍କର ଉପଦେଶ ଅନୁସରଣ କରିବା। ସେମାନଙ୍କ ମତରେ ପ୍ରକୃତଧର୍ମ ବା ଆଧ୍ୟାତ୍ମବାଦ ପାରମ୍ପରିକ ଧର୍ମଠାରୁ ବହୁ ଊର୍ଦ୍ଧ୍ୱରେ। ଏହା ମାନବସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ସତ୍ୟ, ଅହିଂସା ଓ ପ୍ରେମ ତା'ର ଭିତିପ୍ରସ୍ତର। ଆସ୍ତିକତା ବା ନାସ୍ତିକତା ଧାର୍ମିକତାର ମାପକାଠି ନୁହେଁ। ସ୍ୱାମୀ ବିବେକାନନ୍ଦଙ୍କ ପରି ଧର୍ମାତ୍ମା କହିଛନ୍ତି, "ଅନେକ ନାସ୍ତିକ ଲୋକଙ୍କୁ ମୁଁ ଦେଖିଛି, ସେମାନଙ୍କର ଦୃଷ୍ଟିଭଙ୍ଗୀ ଓ ଆଧ୍ୟାତ୍ମିକତା ଆମର ତଥାକଥିତ ଧାର୍ମିକ ତଥା ଆସ୍ତିକଙ୍କ ଅପେକ୍ଷା ମହତର।" ଆଇନଷ୍ଟାଇନ ବିଜ୍ଞାନ ସହିତ ଯେଉଁ ଧର୍ମର ସମନ୍ୱୟ କରିବାକୁ ଚାହୁଁଥିଲେ ତାହା ଅନ୍ଧବିଶ୍ୱାସରୁ ଉତ୍ପନ୍ନ ନୁହେଁ। ଦାର୍ଶନିକ ସ୍ପିନୋଜାଙ୍କ ଈଶ୍ୱର ଥିଲେ ତାଙ୍କ ଈଶ୍ୱର। ସାଧାରଣଙ୍କ ପକ୍ଷେ ତାଙ୍କୁ ଅନୁସରଣ କରିବା କଷ୍ଟକର ହେଲେ ମଧ ତାହା ଅନୁସରଣୀୟ।

ନରକ, ବୈକୁଣ୍ଠ, ପୂର୍ବଜନ୍ମ ଓ ପରଜନ୍ମର ଆତଙ୍କ ଖେଳାଇ, ସର୍ବସାଧାରଣଙ୍କୁ ମିଥ୍ୟା ଭୟ ଦେଖାଇ ବିଜ୍ଞାନଯୁଗରେ ଆମେ ଧାର୍ମିକତା ପ୍ରସାର କରିପାରିବା ନାହିଁ। ସେମାନେ ନିର୍ଭୟରେ ଠାକୁରାଣୀଙ୍କ ସୁନା ଆଖି ତାଡିନେବେ, ତାଙ୍କ ମୁଣ୍ଡ ମୋଡି ମୁକୁଟ ଝିଙ୍କିନେବେ, ବିଷ୍ଣୁ ପ୍ରତିମାକୁ ତରଳାଇ ଧାତୁ ମୂଲ୍ୟରେ ବିକି ଚାଉଳ କିଣିବେ। ଆମର ବ୍ୟାଖ୍ୟା ଓ କର୍ମ ବିଜ୍ଞାନସମ୍ମତ ହୋଇ ଯୁବ ସମାଜର ଅନ୍ତରକୁ ସ୍ପର୍ଶ କରିବା ଉଚିତ।

ସରଳଭାବେ ବିଶ୍ୱାସ କରିଗଲେ ଏ ସଂସାରରେ ଠକି ହେବା ନିଶ୍ଚିତ। ପ୍ରତି କଥାକୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ଏକ ବୈଜ୍ଞାନିକ ମନୋଭାବ ଲୋଡା। ଏପରି ମାପଚୁପ କଲେ ସହଜରେ କିଛି ଗ୍ରହଣ କରିହୁଏ ନାହିଁ। ସନ୍ଦେହ ଉପୁଜେ। ଏ ପ୍ରକାର ସନ୍ଦେହ କାମ୍ୟ। ନିଆଁ ଆସିବା ପୂର୍ବରୁ ଧୂଆଁ ଜନ୍ମେ। ଅର୍ଜ୍ଜୁନଙ୍କ ସନ୍ଦେହରୁ "ଗୀତା"ର ଉତ୍ପତି। ଉଦ୍ଧବଙ୍କ ପ୍ରଶ୍ନରୁ "ଭାଗବତ" ସୃଷ୍ଟି।

ଜ୍ଞାନ ସନ୍ଦେହରୁ ଜାତ ହୁଏ। ସନ୍ଦେହ ଜ୍ଞାନାର୍ଜନର ପ୍ରଥମ ସୋପାନ। କେବଳ ଜ୍ଞାନୀର ସନ୍ଦେହ ଜାତ ହୁଏ। କିଛି ନ ଜାଣିଥିଲେ କ'ଣ ସନ୍ଦେହ କରିବ? ଯେଉଁମାନେ ସନ୍ଦେହୀ ମନକୁ ଘୃଣା କରନ୍ତି ତାଙ୍କର ଅନ୍ୟ କିଛି ଉଦ୍ଦେଶ୍ୟ ଥାଏ। ବିଶ୍ୱାସ ଜରିଆରେ ହିଁ ଲୋକଙ୍କୁ ଭଣ୍ଡେଇ ହୁଏ। ପାରମ୍ପରିକ ଧର୍ମକୁ ପୁଞ୍ଜିକରି ଅନେକ ଜୀବିକା ଚଳାନ୍ତି। ତେଣୁ ବୈଜ୍ଞାନିକ ରୀତିରେ ଧର୍ମ ପରିବର୍ତିତ ହେବା ସ୍ୱାଭାବିକ। ସମସ୍ତେ ବୁଝିବା ଉଚିତ ଜୀବର ଆଚରଣ ହିଁ ଧର୍ମ। ଧର୍ମ ଓ ବିଜ୍ଞାନ ବିଶ୍ୱାସ ସହିତ ଅଙ୍ଗାଙ୍ଗୀଭାବେ ଜଡିତ।

**—ଉମାଶଙ୍କର ପ୍ରସାଦ**
*ମୋ: ନଂ-୬୩୭୦୬୭୫୫୬୨*

# ଈଶ୍ୱରଙ୍କ ଅନୁଗ୍ରହ

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ**

ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା' ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନା ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ। ଏହିଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ ତାହା ପରମାତ୍ମାଙ୍କଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି।



କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ-ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ।

ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରିପାରିବେ ନାହିଁ; କାରଣ ନିଜ ସହିତ ମଧ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତା'ର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ' ମସ୍ତକରେ ଯେତିକି କେଶ ଅଛି ସେତେପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରିକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ।

ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହିପାରନ୍ତି। ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲାକ୍ଷଣି ମନରେ ଭକ୍ତି ରହେନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରିତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

*-ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧*

# ସତ୍‌ସଙ୍ଗର ଆହ୍ୱାନ : ବିଶିଷ୍ଟତାର ବୋଧ

**------ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର------**



ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଭିନ୍ନ ସମୟରେ ମନୁଷ୍ୟ ସମାଜର ଉନ୍ନତିକଳ୍ପେ ଅନେକ ମାର୍ଗ ଦର୍ଶନ କରିଛନ୍ତି। ଆମ୍ଭ-ମାନଙ୍କୁ ସତ୍ ଅନୁଚିନ୍ତନ ଓ ଈଶ୍ୱରାଭିମୁଖୀ ଜୀବନ ପାଇଁ ଯୁଗପୁରୁଷୋତ୍ତମ ଅଶେଷ କୃପା ପ୍ରଦାନ କରିଛନ୍ତି। ଏକଦା ଏକ ଅବସରରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଶିଷ୍ଟତା ବୋଧ ସମ୍ବନ୍ଧରେ ଆଲୋଚନା କରି ଉଲ୍ଲେଖ କରିଛନ୍ତି-'ଧର, ତୁମେ ଗୋଟଏ ଗାଈ ପାଳିବ। ଗାଈ ପାଳିବାକୁ ହେଲେ ତୁମର ଜାଣିବା ଦରକାର-ଗାଈ କି ଧରଣ ଜନ୍ତୁ, ତା'ର ଆହାର ଓ ବାସସ୍ଥାନ କିପରି ହେବା ପ୍ରୟୋଜନ। ତାହା ନ ବୁଝି, ତୁମେ ଲୁଚି ଖାଅ ବୋଲି ଯଦି ଗାଈକୁ ଦୈନିକ ଲୁଚି କରି ଖୁଆଅ, ତାହା କିନ୍ତୁ ତାକୁ ରୁଚିବ ନାହିଁ। ଏତେ ଭଲ ଖାଇବାକୁ ଦେଇ ମଧ ତୁମେ ତାକୁ ବଞ୍ଚାଇ ପାରିବ ନାହିଁ। ପୁଣି ଧର, ତୁମେ ବନ୍ଦ ଘର ଭିତରେ ଝରକା, କବାଟ କିଳି ରଖିଲେ ତାହେଲେ ସେ ଅଣନିଃଶ୍ୱାସୀ ହୋଇ ମରିଯାଇପାରେ। ପୁଣି ଧର, ତୁମେ ଜାଣ ଯେ, ଗାଈ ଘାସ-ପତ୍ର, ପରିବା ଚୋପା, ପେଜ ଇତ୍ୟାଦି ଖାଏ, କିନ୍ତୁ କେଉଁ ପରିମାଣ ଖାଦ୍ୟ ଦୈନିକ ଗାଈର ପ୍ରୟୋଜନ ତା ଯଦି ତୁମେ ନ ଜାଣ ଏବଂ ନିଜର ଖାଇବା ଅନୁଯାୟୀ ଗାଈର ଖାଇବା ବ୍ୟବସ୍ଥା କର, ତା ହେଲେ କିନ୍ତୁ ଗାଈର ସର୍ବନାଶ ହୋଇଯିବ। ପୁଣି ତୁମର ଗାଈଟା କେଉଁ ଜାତିର ତା ମଧ ଜାଣିବା ଦରକାର। ଭାଗଲପୁରୀ ଗାଈ ଯଦି ହୋଇଥାଏ ତେବେ ତାର ଦାନା ଇତ୍ୟାଦି ଦେଶୀ ଗାଈ ପରି ହେବନାହିଁ। ତେଣୁ ଦେଖ, କାମ କରିବାକୁ ଗଲେ ବିଶେଷ ଜ୍ଞାନ ଦରକାର କି ନା? ସର୍ବକ୍ଷେତ୍ରରେ ଏହିପରି ହୋଇଥାଏ। ପନିପରିବା କିଆରି କରିବାକୁ ଗଲେ ମଧ ବିଶେଷ ଜ୍ଞାନ ଦରକାର। ଆଳୁ, କୋବି, ସାରୁ, ମୂଳା, କଦଳୀ ଇତ୍ୟାଦି ପ୍ରତ୍ୟେକକୁ ସଚ୍ଚିଦାନନ୍ଦ ବିଗ୍ରହ ଭାବି ସମାନଭାବେ ଯଦି ଚାଷ କରିବାକୁ ଚାହଁ, ତାହେଲେ କିନ୍ତୁ ହେବନାହିଁ। ଯାହାକୁ ଯେପରି ପୋଷଣ ଦରକାର, ତାକୁ ସେହିପରି ପୋଷଣ ଦେବାକୁ ହେବ, ତାହେଲେ ଫଳ ପାଇବ। ଯାହାକୁ ତୁମେ ଅଚେତନ ପଦାର୍ଥ ବୋଲି ମନେକର, ସେ କ୍ଷେତ୍ରରେ ମଧ ସେଇ ଏକଥା। ତୁମର ଲୁଗାଟାକୁ ସୋଡ଼ାରେ ବୁଡ଼ାଅ ବୋଲି ସାଲଟାକୁ ମଧ ସୋଡ଼ାରେ ବୁଡ଼ାଇ ପାରିବ ନାହିଁ। ତାହେଲେ ସାଲ ଆଉ ସାଲ ହୋଇ ରହିବ ନାହିଁ। ଏଇ ବିଶେଷତ୍ୱ ବୋଧ ସମଗ୍ର ଦୁନିଆରେ ପ୍ରତି ଅଣୁ-ପରମାଣୁରେ ବିଶେଷ ଭାବରେ ଉପଲବ୍ଧ। ପ୍ରତ୍ୟେକ ଯାହା କିଛି ବା ଯେ କେହି ବିଶିଷ୍ଟ, ତାର ପାଳନ, ପୋଷଣ ଓ ବର୍ଦ୍ଧନ ମଧ କରିବାକୁ ହେବ ବିଶିଷ୍ଟ ପ୍ରକାରେ, ତା'ହେଲେ ତାର ବୈଶିଷ୍ଟ୍ୟ ବଜାୟ ରହିବ। ଏହି ବୈଶିଷ୍ଟ୍ୟକୁ ଭାଙ୍ଗିଦେଲେ, ତାର ସତ୍ତାକୁ ଆଘାତ କରାଯାଏ ଏବଂ ତାଠାରୁ ଯାହା ପ୍ରାପ୍ୟ ତାହା ମିଳେ ନାହିଁ। ଭୀଷଣ କ୍ଷତି ହୋଇଯିବ। ଆଜିକାଲି ଅନେକେ ହିଁ ବ୍ରାହ୍ମଣ ଅର୍ଥାତ୍ ବିପ୍ର ହେବାକୁ ଚାହାନ୍ତି। ମୁଁ କହେ ସେଥିରେ ତୁମର ଲାଭ କ'ଣ? କ୍ଷତ୍ରିୟ ଯଦି ପ୍ରକୃତ କ୍ଷତ୍ରିୟ ହୁଏ, ବୈଶ୍ୟ ଯଦି ପ୍ରକୃତ ବୈଶ୍ୟ ହୁଏ, ଶୁଦ୍ର ଯଦି ପ୍ରକୃତ ଶୁଦ୍ର ହୁଏ, ତାହେଲେ ଦେଶ ସମେତ ସମସ୍ତେ ଉନ୍ନତ ହୋଇ ଉଠିବେ। ତାହା ନ କରି ନିଜକୁ ବିପ୍ରବୋଲି ଯଦି ଜାହିର କରିବାକୁ ଚାହାନ୍ତି, ତଦ୍ୱାରା କେଉଁଆଡୁ ସୁବିଧା ହେବନାହିଁ। ବିପ୍ର ଯେତେ ମହାନ ହେଲେ ବି କେବଳ ବିପ୍ରଙ୍କ ଦ୍ୱାରା ସମାଜ ଚଳିବ ନାହିଁ। ସମାଜର ନାନାବିଧ ପ୍ରୟୋଜନ ଅଛି, କେବଳ ବିପ୍ରଙ୍କ ଦ୍ୱାରା ସମସ୍ତ ପ୍ରୟୋଜନ ପୂରଣ ହୋଇଯିବ ନାହିଁ। ତେଣୁ ପ୍ରତ୍ୟେକଟି ବର୍ଣ୍ଣର ଅସ୍ତିତ୍ୱ ଦରକାର, ଉନ୍ନତି ଦରକାର। ସକଳ ବର୍ଣ୍ଣର ସମବାୟୀ ପ୍ରଚେଷ୍ଟା ଦ୍ୱାରା ହିଁ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ। ତାଛଡ଼ା ବୈଶିଷ୍ଟ୍ୟକୁ ବର୍ଜନ କରି, ଢ଼ଙ୍ଗକରି ଅନ୍ୟ କିଛି ସାଜିବାର ମତଲବ ଭଲ ନୁହେଁ। ଅନେକ ବିପ୍ର ମଧ



ଅଛନ୍ତି, ଲୋକଙ୍କ ପାଖରେ ପ୍ରିୟ ହେବା ପାଇଁ, ଅସଂସ୍କୃତ ଓ ଅସଦାଚାରୀ ଯେକୌଣସି ଲୋକର ଘରେ ଯାଇ ପତ୍ର ପକାଇ ଖାଇବାକୁ ଦ୍ୱିଧା କରନ୍ତି ନାହିଁ। ଲୋକଙ୍କ ପାଖରେ ଆତ୍ମବଡ଼ିମା କରି କହନ୍ତି, ମୁଁ ଉଦରଚେତା, ମୋ ପାଖରେ ସେ ସବୁ କୁସଂସ୍କାର ନାହିଁ। ଦୃଢ଼ ପ୍ରତ୍ୟୟ ଚିତ୍ତରେ ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ମୋର କିନ୍ତୁ ଶୁଣି ମନେହୁଏ, ଏମାନେ ଅତ୍ୟନ୍ତ ସଂକୀର୍ଣ୍ଣ ଓ ସଂକୀର୍ଣ୍ଣ ଏଇଥିପାଇଁ କହୁଛି ଯେ, ବ୍ୟକ୍ତିଗତ ବାହାବାର ଖାତିରରେ, ଆତ୍ମପ୍ରତିଷ୍ଠାର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ, ସେ ତାର ପିତୃପୁରୁଷଙ୍କ ସଦାଚାରର ଧାରାକୁ ପଦଦଳିତ କରିବାକୁ କୁଣ୍ଠିତ ହୁଏନା ଏବଂ କୁସଂସ୍କାରଗ୍ରସ୍ତ ଏଇଥିପାଇଁ କହୁଛି ଯେ, ତାର ଧାରଣା ଯେ ବର୍ଣ୍ଣାଶ୍ରମ, ଯାହାକି ଜାତୀୟ ଉନ୍ନତିର ମେରୁଦଣ୍ଡ, ତାକୁ ଭାଙ୍ଗିଦେଇ ପାରିଲେ ହିଁ ଜାତିର ଏକଦା ଓ କଲ୍ୟାଣ ହେବ, ଏହାଠାରୁ ମୂଢ଼ କୁସଂସ୍କାର ଆଉ କ'ଣ ହୋଇପାରେ? ସ୍ୱାଧୀନ ଚିନ୍ତା ନାମରେ, ହୀନମନ୍ୟତା ପ୍ରସୂତ, ବୈଶିଷ୍ଟ୍ୟବର୍ଜନୀ ଉଚ୍ଛୃଙ୍ଖଳ ମତବାଦକୁ ପ୍ରଶ୍ରୟ ଦେଇ ଆମର ତଥାକଥିତ ଶିକ୍ଷିତଗଣ ଯେତେ କୁସଂସ୍କାରଗ୍ରସ୍ତ ହେଉଛନ୍ତି, ଆମ ଦେଶର ନିରକ୍ଷରଗଣ କିନ୍ତୁ ସେତେ କୁସଂସ୍କାରଗ୍ରସ୍ତ ହୋଇନାହାନ୍ତି। ସେମାନଙ୍କର ଶ୍ରଦ୍ଧା ଥିଲା, ଭକ୍ତି ଥିଲା, ନିଷ୍ଠା ଥିଲା, ଆଚାର, ନିୟମ, ଆସ୍ଥା, ସବୁ କିଛି ଥିଲା। କୌଣସି-କୌଣସିସ୍ଥଳେ ଯୁକ୍ତି ବିଚାର ନଥିଲା। ମାତ୍ରାହୀନ ଆତିଶଯ୍ୟ ଥିଲା, ତଦ୍ୱାରା ଯେଉଁ କ୍ଷତି ହେଉଥିଲା ତାର ଗୋଟାଏ ସୀମାରେଖା ଥିଲା, ସଂଶୋଧନ ହୋଇ-ପାରୁଥିଲା। ମଣିଷ ଯଦି ସ୍ୱକୀୟ କୃଷ୍ଟି, ଐତିହ୍ୟ ଓ ବୈଶିଷ୍ଟ୍ୟକୁ ଭଲରୂପେ ଜାବୁଡ଼ି ଧରି ଆତ୍ମସ୍ଥ ନ ହୁଏ ତାହେଲେ ଏପରି ବିପର୍ଯ୍ୟୟ ହିଁ ଦେଖାଦିଏ। ସେପରି ଅବସ୍ଥାରେ ସେ ବାହାରର କୌଣସି ଜିନିଷକୁ ଆତ୍ମୀକୃତ କରି ଆତ୍ମପୁଷ୍ଟି ସଂଗ୍ରହ କରିପାରେନା, ବରଂ ତାର ଖୋରାକ ହୋଇପଡ଼େ। ଆମ୍ଭମାନଙ୍କର ହୋଇଛି ସେହି ଅବସ୍ଥା। ତେଣୁ ପାଶ୍ଚାତ୍ୟ ଶିକ୍ଷାର ଭଲ ଦିଗଟା ଆମେ ଗ୍ରହଣ କରି ପାରିନୁ। ସେମାନଙ୍କ ଦକ୍ଷତା, ଅନୁସନ୍ଧିତ୍ସା, ଶ୍ରମ-ପରାୟଣତାର ଅଭ୍ୟାସ, ବାସ୍ତବତାର ଜ୍ଞାନ, ସଂକଳ୍ପ, ଇଚ୍ଛାଶକ୍ତି, ବୈଜ୍ଞାନିକଧାରା, ଜାତୀୟ ମର୍ଯ୍ୟାଦାବୋଧ ଆମ ଭିତରେ ସଂଚାରିତ ହୋଇନାହିଁ। ଆମେ ନା ଜଳଚର, ନା ସ୍ଥଳଚର ନା ଉଭୟଚର। ଆମେ ଯେପରି ତ୍ରିଶଙ୍କୁ ପରି ଶୂନ୍ୟରେ ଝୁଲୁଛୁ। ଆମ ମଧ୍ୟରୁ ଅନେକଙ୍କର ଗୋଡ଼ ତଳୁ ମାଟି ଖସି ଯାଇଛି, ତେଣୁ ଆମର ନିଜସ୍ୱ ଯାହା ତାହା ବାଦଦେଇ ଚମକପ୍ରଦ ନୂଆ କିଛି ପାଇଲେ ହିଁ ଆମେ ଫୁଙ୍ଗୁଳା ହୋଇ କ'ଣ ନାହିଁ କ'ଣ କରି ପକାଉ। ଦୁଃଖିତ ବଦନରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ଲଜ୍ଜା, ଘୃଣା ଓ ଅବଶୋଷରେ ମୋର ଛାତି ଭିତରଟା ଯେପରି କ'ଣ ହୋଇଯାଏ। ପୁଣି ଦୁଃଖର କଥା ଯେ ସଂଗତିହୀନ କେତେକ ବାଜେ କଥା ମୁଣ୍ଡରେ ପୁରାଇ ସେମାନେ ନିଜକୁ ମନେକରନ୍ତି ଖୁବ୍ ଶିକ୍ଷିତ। ଅହଙ୍କାରବଶତଃ ଧରାକୁ ସରା ଜ୍ଞାନ କରନ୍ତି। ଅଥଚ ପରର ଚାକର ନ ହୋଇ, ସ୍ୱାଧୀନଭାବେ ପେଟର ଭାତ ଯୋଗାଡ଼ କରିବାର ମର୍ଦ୍ଦପଣିଆ ନାହିଁ। ମୋଟକଥା, ଶ୍ରଦ୍ଧା ନଥିଲେ ମଣିଷ ଅନ୍ତଃସାର ଶୂନ୍ୟ ହୋଇପଡ଼େ। ମଣିଷର ଶ୍ରଦ୍ଧାର ଭଣ୍ଡାରକୁ ଶୂନ୍ୟ କରିଦେଇ, ହୃଦୟକୁ ଶୁଷ୍କ କରିଦେଇ, କେବଳ ମସ୍ତିଷ୍କ ଓ ଯୁକ୍ତିବିଚାରକୁ ଯେତେ ପୁଷ୍ଟ କରାଯାଉ ନା କାହିଁକି, ତଦ୍ୱାରା କଲ୍ୟାଣ ହୁଏନା। ପାଞ୍ଚଭୂତ ମିଶି ଯାଇଁ ଆମର ସୁନାର ଦେଶକୁ ଚୁନା କରିଦେଲେ। ଯେଉଁ ଦେଶରେ ଘରେ ଘରେ ଦେବତା ଜନ୍ମ ହେଉଥିଲେ, ସେ ଦେଶରେ ଆଜି କୋଡିଏଟା ଗାଁ ଖୋଜି ଆସିଲେ ଗୋଟାଏ ମଣିଷପରି ମଣିଷ ପାଇବ ନାହିଁ। ଅଥଚ ମୁଁ ଭଲଭାବେ ଜାଣେ ଯେ ମୋଡ଼ ଟା ଫେରାଇ ଦେବା କଠିନ କିଛି ନୁହେଁ। ମନ କରିଲେହିଁ ହେଲା।

*-ସହପ୍ରତିରତ୍ତିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




# ବାଇ ଚଢ଼େଇ ବସା



**ବିପ୍ଳବ**

ଗାଁ ଯୋଉଠି ଶେଷ ହେଇଚ଼ି ସେଇଠୁ ଆରମ୍ଭ ବୁଦି ବୁଦିକା ଜଙ୍ଗଲ। ବଡ଼ ଗଛ କହିଲେ ଆମ୍ବ ଗଛ, ଲଙ୍କା ଆମ୍ବ ଗଛ, ଶାଗୁଆନ ଗଛ ଆଉ ଆକାଶକୁ ଛୁଇଁବା ପରି ଉଞ୍ଚା ଉଞ୍ଚା ଦିଶୁଥିବା ବାଉଁଶ ବୁଦା ସବୁ। ସରୁ ପାଦଚ଼ଲା ରାସ୍ତା ଟିଏ ପଡିଛି ଜଙ୍ଗଲ ଭିତରକୁ। ବାଟରେ ଗଲେ ପଡେ ପୁରୁଣା ପରିତ୍ୟକ୍ତ ମନ୍ଦିର ଟିଏ। ମା ଫୁଲ ମରୁଆଙ୍କ ମନ୍ଦିର। ମନ୍ଦିର ପଛ ପଟେ ବିରାଟ ଉଇ ହୁଙ୍କା। ସାମନାରେ ଭଙ୍ଗା ରୁଜା ମଣ୍ଡପ। ମଣ୍ଡପ କଡକୁ ଲାଗି ଗୋଟିଏ ବୃହତ ବେଲ ଗଛ। ବେଲ ଗଛ ତଳେ କିଛି ମାଟି ଘୋଡାର ଦେହାବଶେଷ,ନାଲି ଶଙ୍ଖା ଆଉ ସିନ୍ଦୁର ବୋଳା ପଥର। କିଏ କେମିତି ମାନସିକ ରଖି ଭୋଗ ରାଗ କଲେ ଚ଼ଳ ଚ଼ଞ୍ଚଳ ହୋଇ ଉଠେ ପୀଠ। ଆଉ ଟିକେ ଆଗକୁ ଗଲେ ପଡେ ବିରାଟ ପୋଖରୀ। ଗାଁ ସାରା ଲୋକ ଏଇଠି ସ୍ନାନ ଶୌଚ଼ କାମ କରନ୍ତି। ସମୟ ବଦଳିବା ସହିତ ଜଙ୍ଗଲ ଏବେ ସଫା ହେଇ ଯାଇଚ଼ି ପୋଡୁ ଚ଼ାଷ ପାଇଁ। ଠା କୁ ଠା ଲୋକ ରଂଜା ପୋତି କଲରା, ପୋଟଳ, ଝୁଡଙ୍ଗ ଚ଼ାଷ କଲେଣି। ଚ଼ାଷକୁ ଭରସା ପୋଖରୀ ପାଣି। ସେଇ ପୋଖରୀ ହୁଡ଼ାରେ ରହେ ନାଲୁ ତା ସ୍ତ୍ରୀ ନୋଧଣୀ ଆଉ ଝିଅ ନର୍ମଦା। ଜମି ଲୋଭରେ କୋଉ ବିଲଡର ଜଣେ ତା ପୁଅକୁ ହାଣି ଦେବା ପରେ ଜୀବନ ବଞ୍ଚ ?ଇ ରାତା ରାତି ଲୁଚ଼ି ପଳେଇ ଆସି ଏଇ ଗାଁରେ ଆଶ୍ରୟ ନେଇଥିଲା। ପ୍ରଥମେ ଭିକ ମାଗି ଚ଼ଳିବା ସହିତ ରାତିରେ ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଉଥିଲା।ତାର ଉତ୍ତମ ସ୍ୱଭାବ ଦେଖି ଗାଁ ପିଲାଏ ତଣ୍ଡି, ନଡ଼ା ସଂଗ୍ରହ କରି ବୁଦାରୁ ବାଉଁଶ ହାଣି ଘରଟିଏ କରିଦେଲେ ପୋଖରୀ ହୁଡ଼ାରେ ।ତା ଭିକ ମଗାକୁ କେତେଜଣ ନା ପସନ୍ଦ କରିବାରୁ ଛକରେ ଥିବା ଚ଼ାନ୍ଦି ଗୁଡ଼ିଆ ଦୋକାନରେ ରହି ବୋଲହାକ କଲା। ସ୍ତ୍ରୀ ବି ପରଘରେ ବାସନ ମାଜିବା ସହିତ ପାଣି କାଞ୍ଜି ଆଣିବାରେ ସାହାଯ୍ୟ କରି କିଛି ରୋଜଗାର କଲା। ନାଲୁ ଜୀବନରେ ପରିବର୍ତ୍ତନ ଆସିଲା ଜାଣ। ପୋଖରୀ ହୁଡ଼ାରେ ଯୋଉଠି ତା ଘର ତା ଆଗକୁ ବିରାଟ ଓସ୍ତ ଗଛ। ଡାଳ ସାରା ବାଇ ଚ଼ଢ଼େଇ ବସା ଖୁନ୍ଦା ଖୁନ୍ଦି। ପ୍ରକୃତିର ବିସ୍ମୟ ଇଏ। ପରିବର୍ତ୍ତିତ ଜଳବାୟୁରେ ବାଇ ଚ଼ଢ଼େଇ ତାଳ ଗଛ ଛାଡି ଏବେ ଆଦରି ନେଇଛି ଓସ୍ତ ଗଛକୁ। କିଚ଼ିରି ମିଚ଼ିରି ଶବ୍ଦରେ ପୋଖରୀ କୂଳ ନିନାଦିତ ହେଉଥାଏ ଅହରହ। ନାଲୁ ର ଝିଅ ନର୍ମଦା ଘର ବାହାରେ ପଡିଥିବା ମାଙ୍କଡାପଥର ଉପରେ ବସି ଅନେଇ ରହିଥାଏ ସେଇ ଚ଼ଢ଼େଇ ମାନଙ୍କ ସଂସାର ଆଡକୁ। ଚ଼ଢ଼େଇ ସବୁ କୁନି କୁନି ଡେଣା ଫଡ ଫଡ କରି ଉଡି ଯାନ୍ତି। କିଛି ସମୟ ପରେ ସବୁଜ ନହେଲେ ଶୁଖିଲା ସରୁ ଘାସ ଆଣି ବାହୁଡ଼ି ଆସନ୍ତି ଆଉ କୁଶଳୀ କାରିଗର ପରି ବସାରେ ଖଞ୍ଜି ଦିଅନ୍ତି। ଏ ସବୁ ଦେଖି ପୁଲକିତ ହୁଏ କିଶୋରୀ ନର୍ମଦା। ଲୋକ ସବୁ ପୋଖରୀ ତୁଠରୁ କମିଗଲେ ପାଣିକୂଳ ପାହାଚ଼ରେ ବସି ଛୋଟ ଛୋଟ ଗୋଡି ସବୁ ପାଣିକୁ ଫିଙ୍ଗେ। ବେଳେବେଳେ ଅନାବନା ଘାସ ଫୁଲ ଫୋପାଡେ। ମାଛ ମାନେ ଖାଦ୍ୟର ଭ୍ରମରେ ଉପରକୁ ଡେଇଁ ପଡି ଲୁଚ଼ି ଯାନ୍ତି। ନର୍ମଦା ନିଜ ଭିତରେ ବାଇ ଚ଼ଢ଼େଇପରି ଗୋଟିଏ ସୁଖକର ଜୀବନ ଭୋଗୁଥିଲା।

ସଂଜ ପହର। ନୋଧଣୀ ଚୁଲିରେ ମାଛ ଭାଜୁଥାଏ। ପାଖରେ ବସି ବିଡି ଟାଣୁଟାଣୁ ନାଲୁ କହିଲା -'ବୁଝିଲୁ ଯୋଉଠି ମହାପୁରୁ ରଖିଚ଼ୁ ସେଇ ମାଟି ତଳେ ମା ଝୁଅ ଦିହିଁକି ନୁଚେଇ ପଇସା ଘଡି ପୋତିଛି। ଆଉ ପଇସା ଗଳେଇଲେ ଯାଉନି। ବୋଧେ ଜାଗା ନାଇଁ। ପଇସା ନେଇ କଣ ଗୋଟେ ବେପାର ବଣିଜ କରନ୍ତେ ନହଲେ ଝୁଅ ପାଇଁ ଫୁନ୍ ଟେ କିଣନ୍ତେ। ଛୁଆ ଟା ଏକା ଘରେ ବସୁଚ଼ି ଉପରୁକୁ ଅନେଇ।

-' ତତେ କେଇଥର କହିଲିଣି ଡିବି ଟା ପବନରେ ନିଭି ଯାଉଚ଼ି, ନିଆଁଝ ଗୋଟେ ଆଣେ। ସେଇଟାକୁ ବଳ ପାଉନି, ଆଉ ଫୁନ୍ ଆଣିବ ଇଏ !ଡିଲର ଡୁବି ତେଲ ଠୋପେ ଦଉଚ଼ି ବୋଲି କାମ ଚ଼ଳୁଚ଼ି।

-' ରଖ ତୋ କଥା, ଘରକୁ ଚ଼ା ଡିବି ଧରି। ନିଆଁଝ ଯୁଗ ଆଉ ଅଛି ? ଦୁନିଆ ବହୁତ ଆଗେଇ ଗଲାଣି ଲୋ, ଆମେ ପଛେଇ ଯାଇଚେ । ହଉ କାଲି ନନ୍ଦିଆ ତେଲି ଦୋକାନରୁ ନଲଟଣ ଆଣିବି, ବେସ୍ତ ହ' ନି ତୁ ।

ଦୁହେଁ ବସି ପଇସା ଗଣିଲେ। ସାତ ହଜାରରୁ ଏକୋଇଶି ଟଙ୍କା କମ । ଦୁହିଁଙ୍କ ଖୁସି କହିଲେ ନ ସରେ।

-' ତୁ ଭାରି ସିଆଣା ରେ । ମୁଁ ତତେ ଉଲା ଭାବୁଥିଲି।

ନୋଧଣୀ କହି ବହେ ହସିଲା।

-' ଜାଣିଚୁ କାଲି ଧୁନା ବାବୁ କହୁଥିଲେ ଆରେ ନାଲୁ ଆମ ଗାଁରେ ମାଉଁସ ଦୋକାନ ନାଇଁ। ଲୋକେ ଦି ମାଇଲି ଯାଉସୁନ୍ତି। ତୁ ଯଦି ସେ କାରବାର କରନ୍ତୁ ଦି ପଇସା ଭିଆନ୍ତୁ। ଲୋକେ ତୋ ଠୁଁ ସବୁ ନିଅନ୍ତେ। ଆଜି କାଲି ମାଉଁସ ଖାଇବା ଲୋକଙ୍କ ସଂଖ୍ୟା ବଢି ଗଲାଣି। ତାଙ୍କର ବି କୋଉ ଫାରମ ବାଲା ଚିହ୍ନା।

କଥାଟା ନୋଧଣୀ ମନକୁ ପାଇଲା। ଖାଇ ପିଇ ଦୁହେଁ ଶୋଇଲେ। ସକାଳୁ ଉଠି ନାଲୁ ହୁଡ଼ାରେ ଠିଆ ହେଇ ଯଜାଙ୍ଗି ଡାଙ୍ଗ ଘଷୁଛି। ସୁକୁଟା ଭାଇନା ଡାକ ଛାଡିଲେ-' କିରେ ନାଲୁ, ଆଜି କଣ ଏତେ ସଅଳ ଗାଧୁଆ !

-' ହଁ ଭାଇନା, ନୂଆ କାମ ଖଣ୍ଡେ ଆଦେରିଚ଼ି । ତେମେ ଆପଣେ ବଳେ ଜାଣିବେ। ।

-' ହଉ ହଉ ।

ନାଲୁ ପଖାଳ ଗଣ୍ଡେ ଖାଇ ଗାଁ ଭିତରକୁ ବାହାରିଗଲା। ନୋଧଣୀ ବି ଭାତ ରାନ୍ଧି କାମକୁ ବାହାରିଗଲା। ଝିଅ ନର୍ମଦା ସେମିତି ମାଙ୍କଡା ପଥର ଉପରେ ବସି ଚ଼ ? ?ଇ ମାନଙ୍କୁ ଲକ୍ଷ୍ୟ କରିବାକୁ ଲାଗିଲା। ବେଳ ମୁଣ୍ଡ ଉପରେ ହେବ। ନୋଧଣୀ ଫେରି ଆସିଲା। ନାଲୁ ଫେରି ନଥିଲା। ଶାଗ ଭଜା ଖାଇ ମା ଝିଅ ଗଡ଼ପଡ଼ ହେଲେ। ସଂଜ ହେବାକୁ ଅଳ୍ପ ସମୟ ବାକି ଅଛି। ଆମ୍ବ ଗଛ ପତ୍ର ସନ୍ଧିରୁ ସୂର୍ଯ୍ୟଙ୍କ ଶେଷ ରଶ୍ମିର ଝାପ୍ସା ଅଂଶ ଦିଶୁଥାଏ। ନାଲୁ ଫେରିଲା ଟଳି ଟଳି।

ମାସକୁ କୋଡିଏ ଦିନ ନିଶା ପାଣି। ସେଥିପାଇଁ ଗାଁ ର ଯୁବକ ସଙ୍ଘ ଟୋକା ମାନଙ୍କର ଇଏ ପ୍ରିୟ। ନାଲୁ ଭୋଜିରେ କୁକୁଡ଼ା ମାରେ। ତାଙ୍କ ସହ ମିଶି ପିଏ ଆଉ ଖାଏ। ନାଲୁ ଟଳି ଟଳି ଘର ଭିତରକୁ ଆସିଲା। କାନ୍ଧରେ ଗୋଟିଏ ଜରି ଅଖା। ତା ଭିତରେ ଚ଼ାରୋଟି ବ୍ରଏଲର କୁକୁଡ଼ା।

-' ଜାଇଁଲୁ ଲୋ କାଲି ଠୁଁ ଆମର ମାଉଁସ ଦୋକାନ ହବ। ଗାଁ ସାରା ମୋ ଠୁଁ ମାଉଁସ ନେବେ। '

ବକର ବକର ହେଇ ଶୋଇ ଗଲାଣି ନାଲୁ।

ମାସ ତିନି ଟାରେ ଉଠି ବସିଲା ନାଲୁ। ଇତି ମଧ୍ୟରେ ଝିଅ ପାଇଁ ଖଣ୍ଡେ ଭଲ ମୋବାଇଲ, ଚ଼ାର୍ଜ ଲାଇଟ ଆଉ ନିଜ ପାଇଁ ପୁରୁଣା ସାଇକେଲ ଖଣ୍ଡେ ଯୋଗାଡ କରି ସାରିଛି।

ସେଦିନ ସକାଳୁ ଉଠି ନାଲୁ କୌଣସି କାମରେ ଗାଁ ଭିତରକୁ ବାହାରିଥିଲା। ପହଂଚ଼ିଲେ ଧୁନା ବାବୁ।

-' ଜାଣିଲୁ ନାଲୁ, ଆଜି ଭଲ ଚ଼ିକେନ୍ ଦୁଇ କେଜି ଦେବୁ। ଫୁଲ ମରୁଆ ପୀଠରେ ଭୋଜି ହେବ। ଜିଲ୍ଲା ପରିଷଦ ସଭ୍ୟ ଅନିକେତ ବାବୁ ଆସିବେ, ସରପଞ୍ଚ, ସାମ୍ବାଦିକ, ଆଉ ଆମ ଯୁବକ ସଙ୍ଘ ପିଲା ବି ରହିବେ। ବନ ମହୋତ୍ସବ ସପ୍ତାହ ଚ଼ାଲିଛି। ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରହିଛି। ଆରେ ଯୋଉଠି ତୁ ଅଛୁ ସେଠି ବାଘ ଛକି ରହୁଥିଲା ଗାଈ ଗୋରୁ ଖାଇବ ବୋଲି। ଗଛ କଟି ଜଙ୍ଗଲ ଶୂନ୍ୟ ହେଇ ଗଲାଣି। ଦେଖୁନୁ ଏଠି ଓସ୍ତ ଗଛରେ ବାଇ ଚ଼ ? ?ଇ ରହିଲେଣି।

ଧୁନା ବାବୁ କହିଦେଇ ଚ଼ାଲୁଗଲେ।

ଦିନ ସାଢ଼େ ବାରଟା ବେଳକୁ ପୋଖରୀ କୂଳରେ ଗହଳି ଲାଗିଲା।ଦୁଇଜଣ ମଜୁରିଆ ଆସି ଗାତ ଖୋଳି ପକେଇଲେ ହୁଡ଼ାରେ। ଅନିକେତ ବାବୁ ଆସିଲେ ଗଛ ଲଗେଇ ଫଟ ଉଠେଇବେ। ଆକାଶ ମେଘୁଆ ଥିଲା। ଶୈଡୁ ଥିବା ମେଘ ଖଣ୍ଡର ଛାଇ ପୋଖରୀ ପାଣିରେ ପଡି ଆକର୍ଷଣୀୟ ଦିଶୁଥିଲା। ନର୍ମଦା ସବା ତଳ ପାହାଚ଼ରେ ବସି ପୋଖରୀ ପାଣି କୁ ଚ଼ାହିଁ ରହିଥିଲା। ସାମ୍ବାଦିକ, ପ୍ରକୃତି ବନ୍ଧୁ, ସମାଜ ସେବୀ ସବୁ ଏତେ ସଂଖ୍ୟକ ବାଇ ଚ଼ଢ଼େଇ ଦେଖି ଫଟ ଉଠଉଥିଲେ। କିଏ ବି ଭିଡିଓ କରୁଥିଲେ। ଅନିକେତ ବାବୁ ପହଂଚ଼ି ଗଲା ପରେ ଚ଼ଳ ଚ଼ଂଚ଼ଳ ହେଇ ଉଠିଲା ପରିବେଶ। ବୃକ୍ଷ ରୋପଣ କରି ପାଣି ଦେଉଥିବାର ଦୃଶ୍ୟ ସାମ୍ବାଦିକ ବନ୍ଧୁ ମାନେ ଆଉ ଅନିକେତ ବାବୁଙ୍କ ପ୍ରଶଂସକ ମାନେ ଉଠଉ ଥିଲେ। ତା ପରେ ଜଳଖିଆ ପୁଡ଼ିଆ ବଣ୍ଟନ କାର୍ଯ୍ୟକ୍ରମ। ସେତିକି ବେଳେ ବର୍ଷା ଆରମ୍ଭ ହେଲା। ଗାଁ ପିଲା ଯିଏ ଯୁଆଡେ ଶୈଡିଲେ। କିଛି ଓସ୍ତ ଗଛ ତଳକୁ ପଳେଇଲେ। ଅନିକେତ ବାବୁ ଆଉ ଧୁନା ବାବୁ ନାଲୁ ଘର ଭିତରକୁ ପଶି ଗଲେ। ସେତେବେଳେ ତା ସ୍ତ୍ରୀ କାମରୁ ଫେରି ନଥିଲା। ନାଲୁ ଓସ୍ତ ଗଛ ତଳେ ଜଳଖିଆ ଖାଉଥିଲା। ନର୍ମଦା ପୋଖରୀ କୂଳରୁ ଉଠି ଘରକୁ ଶୈଡିଲା। ଭିତରେ ବାବୁ ମାନଙ୍କୁ ଦେଖି ଟିକେ ଶଙ୍କି ଗଲା।

ବର୍ଷା ସାମାନ୍ୟ ହେଇ ଛାଡ଼ି ଗଲା। ନାଲୁ ବି ଘର ପାଖକୁ ଚ଼ାଲି ଆସିଥିଲା।

- ଏ ଝିଅ ନାଲୁର। ଏଇଟା ଇଆରି ଘର।

ନାଲୁ ଯୋଡ଼ହସ୍ତ ହେଇ ନମସ୍କାର କଲା।

-' ଏଇ ଝିଅ ଏଆରି... ପଙ୍କରେ ପଦ୍ମ ଇଏ। ଆରେ ଇଏ ଏଠି ହୁଡ଼ାରେ କାହିଁକି ପଡିଛି, କଣ ଭାଇ ମାନେ ଭିନେ କରିଦେଲେ। !;ଆରେ ସରପଞ୍ଚ ଙ୍କୁ କହି ତାଙ୍କ ପାଇଁ ଆବାସ ଯୋଜନାରେ ସାମିଲ କର, ରାସନ ଦିଅ। ତୁ ଭୋଜି ଠିକୁ ଆସ। ବ୍ୟବସ୍ଥା କରିବା।

ଧୁନା କିଛି କହିବାକୁ ଚ଼ାହୁଁଥିଲା, ଅନିକେତ ବାବୁ ତାଙ୍କୁ ଅଟକେଇଲେ।

କିଛି ବାଟ ଯିବା ପରେ ଧୁନା ବାବୁ କହିଲେ -' ସାର, ନ ଜାଣି ଫେକ ପ୍ରମିଜ କରିଦେଲେ। ସେ ଆମ ଲୋକଲ ଲୋକ ନୁହେଁ ।'

ଅନିକେତ ବାବୁ ସାମାନ୍ୟ ହସି କହିଲେ-' ସବୁ ଜାଣିଚ଼ି।

ଧୁନା ଆଶ୍ଚର୍ଯ୍ୟ ପ୍ରକଟ କଲା ।ଆଉ କିଛି ପଚ଼ାରିବା ଆଗରୁ ଅନିକେତ ବାବୁ ଆଲୋଚ଼ନାର ବିଷୟ ବଦଳେଇ ଦେଲେ ।

ବେଳ ବୁଡ଼ି ସଂଜ ହେଲାଣି। ଅନ୍ଧାର ମାଡି ଆସିଲାଣି। ବର୍ଷା ମାଡ଼ ଖାଇ ଜ୍ୱରରେ କମ୍ପୁଛି ନୋଧଣୀ। ଝିଅର ଦେଖା ନାଇଁ।

-' ଆଲୋ ହେ ନର୍ମଦା, କୁଆଡେ ଗଲୁ, ସଂଜ ହେଲାଣି, ବୋପା, ଝିଅ ଦିହେଁ ଯାଇଚ଼ ଯେ ଯାଇଚ଼। '

ବହୁତ କଷ୍ଟରେ ଉଠି ବାହାରକୁ ଆସିଲା।

ଆଉ କଣ ଭୋଜି ସରିନି। ? ଝୁଅ ସେଇଠିକି ପଳେଇଲା। ? ଇଏ କେବେ ଗାଁ ଆଡେ ଯାଏନି। ଏ ମା ଫୁଲ ମରୁଆ.. କୁଆଡେ ଯିବି ମୁଁ। ? ଜରୁଆ ଦେହକୁ ମୁଣ୍ଡ ଝାଙ୍କି ଦଉଚ଼ି। ପାଦ ଚ଼ିପି ଚ଼ିପି ଆଗକୁ ବାହାରିଲା।

ଭୋଜି ମଣ୍ଡପ ଶୁନଶାନ୍ ।ଭଙ୍ଗା ଚ଼ାନ୍ଦିନୀ ଚ଼ାରିପଟେ ଅଇଁଠା ଖଲି, ଅଧାପିଆ ପାଣି ପାଉଚ଼, ମଦ ବୋତଲ ପଡିଚ଼ି। ଏକା ଶୋଇଚ଼ି ନାଲୁ। ଚ଼ମକି ପଡିଲା ନୋଧଣୀ । ତେବେ କୁଆଡେ ଗଲା ଭୁଆସୁଣୀ ଝୁଅ ଟା। !

-' ଏଇ, ଉଠ ବା..

-' ଯାଇଁଲୁ ନୋଧଣୀ, ବାବୁ ମାନେ ବହୁତ ଭଲ, ମୋତେ ହଜାରେ ଟଙ୍କା ଦେଇ ଯାଇସିନ୍ତି। ଆମର ମାଗଣା ଘର ହବ, ରାସନ ପୁଣି ମିଳିବ।

ନିଶାରେ ବକ ବକ ହେଉଥାଏ । କାନ୍ଦି ବୋବେଇ ନୋଧଣୀ ପାଟି କଲା -' ଏଇ, ଝୁଅ ନାଇଁ ଘରେ.. ଧଡ଼ ପଡ଼ ହେଇ ଉଠି ଠିଆ ହୋଇଗଲା ନିଲୁ। ଘର ଆଡ ? ଦୁହେଁ ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଚ଼ାଲିଲେ।

ଘର ଭିତରକୁ ଯାଇ ନୋଧଣୀ ଲଣ୍ଠନ ଲଗେଇଲା। ଅଳ୍ପ ଦୂରରେ ଦୁଇ ତିନୋଟି ବାଇ ଚ଼ଢ଼େଇ ବସା ପଡିଥିଲା ଆଉ ଭଙ୍ଗାଅଣ୍ଡା ବି। ଗୋଟିଏ ଜଙ୍ଗଲି ସାପ ସର୍ କିନା ଚ଼ାଲିଗଲା। ଚ଼ମକି ପଡିଲା ସେ। ପୋଖରୀ କୂଳକୁ ଲକ୍ଷ୍ୟ କଲେ। ନା.. ନାହିଁ ତ.. ଓସ୍ତ ଗଛ ମୂଳକୁ ଗଲା ନାଲୁ, ଯୋଉଠି ବସି ନର୍ମଦା ଚ଼ଢ଼େଇଙ୍କ ଫଟ ଉଠାଏ । ନାଲୁ ହାଉଳି ଖାଇ ପଛକୁ ଶୈଡିଲା। ମୁଣ୍ଡରେ ହାତ ଦେଇ ତଳେ ବସି ଭୋ ଭୋ କାନ୍ଦିଲା।

-' ଆରେ କଣ ଦେଖିଲୁ କହ। ? କିଆଁ ନୋଉଟି ଆଇଲୁ ?

ନାଲୁ ସେମିତି କାନ୍ଦୁଥାଏ।

ନୋଧଣୀ ସାହସ ସଞ୍ଚୟ କରି ଲଣ୍ଠନ ଧରି ଆଗକୁ ବଢ଼ିଲା। ଓସ୍ତ ଗଛ ସେପାଖ ଅରଖ ଗଛ ମୂଳେ ପଡିଥିଲା ନର୍ମଦାର ବିବସ୍ତ୍ର ଦେହ। ଖଣ୍ଡେ ଦୂରରେ ପିନ୍ଧା ସାର୍ଟ।

ଲଣ୍ଠନକୁ ଫୋପାଡି ପଛକୁ ଶୈଡିଲା ନୋଧଣୀ ।ନାଲୁକୁ କୁଣ୍ଢେଇ ଭୋ ଭୋ ହେଇ କାନ୍ଦିଲା।

-'ଆମ ବାଇ ଚ଼ ? ?ଇର ବସା ସବୁଦିନ ପାଇଁ ବତାସରେ ଉଡିଗଲା... ଲୋ ନୋଧଣୀ...

ଆକାଶରେ ମେଘ ଗର୍ଜୁଥିଲା। ଓସ୍ତ ଗଛରେ ବାଇ ଚ଼ ? ?ଇ ସବୁବାହୁନୁଥିଲେ ଯେମିତି...

ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୬

## ନୀରବତା ତୁମ ଅନେକ ଯନ୍ତ୍ରଣା

*ରାହାସ କୁମାର ବେହେରା*



ନୀରବତା ତୁମ ଅନେକ ଯନ୍ତ୍ରଣା
ପରାଣ ଦେଉଛି ଘାରି
ଭାବନାରେ ଭରି ଅନେକ ଦହନ
ବଂଚ଼ି ଥାଉ ଦିଅ ମାରି ।
ବୁଝି ମୁଁ ପାରୁନି କେଉଁ ଅପରାଧେ
ଦଣ୍ଡ ସତେ ଏତେ ଦେଲ
ଶୋଇ ମୁଁ ପାରୁନି ରହି ମୁଁ ପାରୁନି
ଖାଲି ହୁଏ କଲବଲ ।
ଭୁଲିଗଲ ତୁମେ କେମିତି ସଜନୀ
ସବୁ ପ୍ରେମ ଥିଲା ମିଛ
ସ୍ନେହ ସଂପର୍କ ମୋ ହୃଦୟୁ ଦୂରେଇ
ଭାବିନେଲ ସବୁ ତୁଚ୍ଛ।
ପୁନେଇଁ ରାତିରେ ତୋଫା ଜୋଛନାରେ
ଦେଇଥିଲ ମିଠା ଛୁଆଁ
ଜହ୍ନ ଲୁଚ଼ିଗଲା ତୁମେ ଲୁଚ଼ିଗଲ
ଖୋଜେ ବଂଚ଼ିବାର ରାହା ।
ସହି ମୁଁ ପାରୁନି ସେଇ ନୀରବତା
ଭାବପ୍ରୀତି ଯାଏ ସରି
ସବୁ ସ୍ମୃତି ଯେତେ ପରିହାସ କରେ
ଆସ ତେଣୁ ପ୍ରିୟା ଫେରି ।
ଅନୁରୋଧ ମୋର ରଖିବ ସଜନୀ
କଥା ପଦେ ଦିଅ କହି
ଆଶା ଆକଂକ୍ଷାର ସଜ ଫୁଲ ଫୁଟୁ
ଦୁଃଖ ଅଶ୍ରୁ ଯାଉ ବହି ।

ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ଅଶି ବର୍ଷ, ବିଶ୍ୱାସ କାହାକୁ କରିବ ?

*ଜୁଗଟି ଡେଭିଡ ଫିଲିପ*



ଦୂରେ ଥାଇ 'ସେ ଚ଼ାଲି
ଗଲେ ଭଲ' କହୁଛି,
ପାଖେ ସେବା କରି, 'ଆଉକଛି ଦିନ
ବଞ୍ଚି ଯିବକି' ଭାବୁଛି,
କାତର ଓ ଜୀବନ ଦ୍ୱନ୍ଦରେ ଅଛନ୍ତି !
ଅସି ବର୍ଷ ରୋଗୀ ମନ କଥା କହି ପାରୁନି ।
'ଧରି ଦେଲେ, ପାହୁଣ୍ଡ ଟେ ଚ଼ାଲିବି',
'ବସିଲେ କିଛି ଶିଖାଇ ଦେବି',
'ସମୟ ରହେନି, ସବୁ ଯାଏ ଗଡ଼ି',
'ଦୁଃଖ ନଥିଲେ ସୁଖ ବୁଝି ହୁଏନି' ।
ଅଶି ବର୍ଷ, ପାଖ, ଦୂର, ଅନ୍ତର,
ବିଶ୍ୱାସ କାହାକୁ କରିବ ।

ହୋଟେଲ ଗ୍ରୀନ ହୋରାଇଜନ,
ଝାଡଖଣ୍ଡ
ମୋ-୯୪୩୭୧୦୪୩୦୩

## ସମ୍ପର୍କ

*ଆଦ୍ୟାଶା ମହାପାତ୍ର*



ସଂସାର ମଧ୍ୟରେ ସମ୍ପର୍କ ଭିତରେ
ଅନୁରାଗ ଥାଏ ଭରି
ଏକାନ୍ତବୋଧର ଆବିଳତା କଟେ
ମର୍ତ୍ତ୍ୟ ଲାଗେ ସ୍ୱର୍ଗ ପରି ॥
ତ୍ୟାଗ ତିତିକ୍ଷାରେ ଶୁଭ କାମନାରେ
ବନ୍ଧା ସମ୍ପର୍କର ସୂତ୍ର
ସୁଖରେ ଦୁଃଖରେ ଠିଆ ପାଶେ ଯିଏ
ବୋଲାଏ ସେ ପରା ମିତ୍ର ॥
ଭାବ ସେତୁ ବନ୍ଧ ସମ୍ପର୍କେ ଆବଦ୍ଧ
ସତେ ସ୍ନିଗ୍ଧ ଚ଼ଉସମ
ଖୁସି ଉଦ୍ଦୀପନା ଜାଗେ ହୃଦୟରେ
ଦୁଃଖ ହୁଏ ଉପଶମ ॥
ସମ୍ପର୍କର ଭେଦ ହୁଅଇ ଅଭେଦ୍ୟ
ନିବିଡ଼ତା ଯାଏ ବଢ଼ି
କପଟତା ହୀନ ସେନେହ ଆଦରେ
ଦୁଇ ହୃଦ ହୁଏ ଯୋଡ଼ି ॥
ସୂର୍ଯ୍ୟ ଚ଼ନ୍ଦ୍ର ପୃଥ୍ୱୀ ବିଧାତା ସୃଜନ
ସମ୍ପର୍କ ମହାକର୍ଷଣ
ମାଟି ମାଆ କୋଳେ ଜୀବଜଗତର
ଚ଼ିର ଅତୁଟ ବନ୍ଧନ ॥
ସୃଷ୍ଟି ଅନୁପମ ସମ୍ପର୍କେ ନିହିତ
ପ୍ରୀତିଫଲ୍ଗୁ ଯାଏ ଝରି
ଅସାଧ୍ୟ ସାଧନ କରିବାକୁ କେବେ
ଲୋଡା ସମ୍ପର୍କର ଡୋରି ॥
ଦିବ୍ୟ ଭାବନାରେ ଶାଶ୍ୱତ ପ୍ରେମରେ
ଆବିଳତା ଛୁଏଁ ନାହିଁ
ବିଶ୍ୱାସ ଭରସା ସଂପର୍କର ଭିତ୍ତି
ରଖେ ତାକୁ ଦୀର୍ଘସ୍ଥାୟୀ ॥

ନୂଆପଡା, କଟକ

## ଛଦ୍ମବେଶୀ

*ସୁଦର୍ଶନ ମହାପାତ୍ର*



ସବୁକିଛି କରାଯଉ କରିବାର ପ୍ରଲୁବ୍ଧତା
ଲୁଚ଼ିଥାଏ ଆମି କୁଟିଳ ହସରେ
ସୁଚ଼ିନ୍ତିତ ଗୋଟି ଚ଼ାଳନାରେ
ସଂପର୍କମାନଙ୍କୁ ସ୍ୱାହା କରୁ
ଜଉଘର ଷଡ଼ଯନ୍ତ୍ରରେ
ଆମ ଅତୃପ୍ତ ମନର ଅଗ୍ନିଶିଖାରେ
ଆମେ ଘୋଡେଇ ରଖିପାରୁ
ମିଛ ଆବରଣରେ
ଉନ୍ମତ୍ତ ଇଚ୍ଛାର ଆସୁରକିତାକୁ
ମିଠା ଛଳନାରେ ଛାଉଣୀ କରୁ
ଆମ ଭିତରେ ଚେଇଁଥିବା
ବିଭତ୍ସ ଅନ୍ଧାରର ମାନସିକତାକୁ
ସବୁ କଳଙ୍କିତ ଅଧ୍ୟାୟକୁ
ଆମେ ଧୋଇଦେଇପାରୁ
ପବିତ୍ର ଗଙ୍ଗା ତର୍ପଣରେ
ବାହାରକୁ ଆମେ ଧର୍ମାବତାର
ବିବେକକୁ ଜଳାଞ୍ଜଳି ଦେଇଥାଉ
ଲୁଣ୍ଠିତ ମଣିଷପଣିଆରେ

କୁଞ୍ଜବିହାରୀ ଲେନ, କଟକ

## ମୋ ଗାଆଁ

*ରତ୍ନକାନ୍ତି ମିଶ୍ର*



ଗାଆଁ ପରା ମୋର ପବିତ୍ର ଭୂଇଁ
ଜନମି ସେଠାରେ ବଢିଛି ମୁହିଁ
ମୋ ଗାଆଁ ମାଟି ପାଣି ପବନ
ଯହିଁରେ କଟିଛି ମୋ' ପିଲାଦିନ ॥
ଗାଆଁ ତୋଟାମାଳ ଭାରି ସୁନ୍ଦର
ଅଙ୍କାବଙ୍କା ରାସ୍ତା ସଫା ସୁତର
ସକାଳ ଗାଧୁଆ ନଈର ତୁଠ
ମନ୍ଦିର ଆରତୀ ପୁରାଣ ପାଠ ॥
ଗାଆଁ ଭାଇଚ଼ାରା ବିବାହ ବ୍ରତ
ପର୍ବ ପର୍ବାଣୀରେ ଯାତରା ନାଟ
ଦୋଳ ମେଳଣରେ ଝାଞ୍ଜ ମୃଦଙ୍ଗ
ସବୁରି ଦେହରେ ସାଜଇ ରଙ୍ଗ ॥
ତୁଳସୀ ଚ଼ଉଁରା ସୁନ୍ଦର କାନ୍ତି
ଜଳେ ଦୀପ ସେଠି ସଞ୍ଜରେ ନିତି
ଗୋମୟରେ ଲିପା ପିଣ୍ଡା ଅଗଣା
ଝୋଟି ଚ଼ିତା ଶୋଭା କରେ ଦ୍ୱିଗୁଣା ॥
ନିତି ସକାଳରୁ ଚ଼ାଷାର କାମ
ସଞ୍ଜେ ଭାଗବତ ଈଶ୍ୱର ନାମ
ଏକୁଟି ଶାଳରୁ ମଶାଣି ଭୂଇଁ
ଜୀବନ ଜୀବିକା ରହିଛି ତହିଁ ॥
ଗରୀୟାନ ମୋର ଗାଆଁ ସଂସ୍କୃତି
ଭାଇଚ଼ାରା ଭାବ ହୃଦୟେ ପ୍ରୀତି
ଗାଁ ଠାକୁରାଣୀ ବିଜେ ଆସ୍ଥାନେ
ପ୍ରତ୍ୟକ୍ଷ ପରା ସେ ସବୁରି ପ୍ରାଣେ !!

ଆଳି,କେନ୍ଦ୍ରାପଡା

## ଗୋମାତା

*ନିରଞ୍ଜନ ସାହୁ*



ଗୋମାତା ଆମର ମାତୃକା ମଧ୍ୟରେ
ଅଟନ୍ତି ଯେ ଅନୁପମା
ସର୍ବ ଦେବାଦେବୀ ତାଙ୍କ ଦେହେ ବାସ
ଯୁଗେଯୁଗେ ଅନୁପମା ।
ତାଙ୍କ ଗୁଣାବଳୀ କହିଲେ ନ ସରେ
ବଖାଣି ପାରିବ କିଏ
ସଂସାରରେ ନାହିଁ ଆନ ଜୀବ କେହି
ବିକଳ୍ପ ହୋଇବ ଯିଏ
ସେଥିପାଇଁ ତାଙ୍କ ସ୍ଥାନଟି ସ୍ୱତନ୍ତ୍ର
ଶସ୍ତା ନୁହଁନ୍ତି ସେ ଜମା ।
ଦୁଧ , ଦଧି , ଘୃତ ,ଛେନା ଗୋରସରୁ
କରିଥାଏ ଏହି ନର
ମାତୃତ୍ୱ ନିଗାଡି ପାଳନ କରନ୍ତି
ନ ଭାବି ଆପଣା ପର
ଗୋମୟରେ ଲିପାପୋଛା ଘରଦ୍ୱାର
ଉର୍ବର ଯେ କ୍ଷେତଖମା ।
ସିଙ୍ଗରୁ ପାନିଆ , ଅସ୍ଥିରୁ ଯେ ସାର
ଚ଼ମଡ଼ାରେ ବାଦ୍ୟ ବାଜେ
କାମଧେନୁ ଅବା ନନ୍ଦିନୀ ଗୋମାତା
କାହାଣୀ ପୁରାଣେ ସାଜେ
ଗୋମାତା ଅଟନ୍ତି ଚ଼ିରନମସ୍ୟା ଯେ
ଦେବୀ ରୂପେ ସିଏ ରମା ।
ଗୃହରେ ପାଳିତ ହୋଇଥାନ୍ତି ସିଏ
ଛଣ , ଦାନା , ଘାସ ଖାଇ
ପାଣି , ତୋରାଣିରେ ତୃଷା ନିବାରିଣ
ରହିଥାନ୍ତି ଖୁସି ପାଇ
ପଞ୍ଚାମୃତ ପାଇଁ ନିର୍ଭର ତାଙ୍କଠି
ଆନନ୍ଦେ ଡାକନ୍ତି ହମ୍ବା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

## ତୁମ ବିନା

*ରମାକାନ୍ତ ଦାସ*



ତୁମ ବିନା
ଏ ଜୀବନଟା ଲାଗେ ଫିକା ଫିକା
ଜନଗହଳିରେ ସୁଦ୍ଧା
ଲାଗେ ମତେ ଏକା ଏକା ॥

ତୁମ ବିନା
ଭୂମିକମ୍ପ ଭଳି କେତେ ଯେ କମ୍ପନ
ସୃଷ୍ଟି ହୁଏ ହୃଦୟରେ
ସବୁଠି ଲାଗେ ଶୂନ୍ୟତା
ତୁମ ଅନୁପସ୍ଥିତିରେ ॥

ତୁମ ବିନା
ଅଣନିଶ୍ୱାସୀ ଲାଗେ
ସବୁ ମୁହୂର୍ତ୍ତରେ
ଲାଗେ ଯେମିତି
ମୋ ଜୀବନ ହଜିଯାଇଛି
କେଉଁ ଏକ ଅଜଣା ସହରରେ ॥

ତୁମ ବିନା
ମୋର ସବୁ ସ୍ୱପ୍ନ
ରଙ୍ଗହୀନ ଇନ୍ଦ୍ରଧନୁ ପରି
ଖରାହୀନ ଦିନ ପରି
ତାରା ଶୂନ୍ୟ ଆକାଶ ପରି ॥

ତୁମ ବିନା
ଫିକା ଲାଗେ ଜହ୍ନର ଜୋସ୍ନା
ହଜିଯାଏ ଆକାଶ ନୀଳିମା
ଶେଫାଳୀର ବହଳ ବାସ୍ନା
ଝରେ ସିନା ,ମନକୁ ଛୁଇଁ ପାରେନା ॥

ତୁମ ବିନା
ହୃଦୟେ ମୋ ଜଳେ ବିରହର ବହ୍ନି
ନିଜେ ଜଳେ , ମତେ ଜଳାଏ
ନିଜେ କାନ୍ଦେ ,ମତେ ବି କନ୍ଦାଏ
ଶ୍ରାବଣ ବି ଆସି ଫେରିଯାଏ
କିନ୍ତୁ ତାର ବର୍ଷା ଟୋପାରେ
ମୋ ହୃଦୟକୁ ଭିଜେଇ ପାରେନା ॥

ତୁମ ବିନା
ଫଗୁଣର ରଙ୍ଗ ଲାଗେ ଫିକା ଫିକା
ମଳୟ ମଉଳି ହୁଏ ଏକା ଏକା
ସୁରଭି ସରି ସରି ଯାଏ
ସପନ ବି ହଜି ଲିଭିଯାଏ ॥

ତୁମ ବିନା
କିଛି ବି ଭଲଲାଗେନା
କୌଣସି କାର୍ଯ୍ୟରେ ମନଲାଗେନା
ତୁମ ବିନା ବଞ୍ଚିବା ଅସମ୍ଭବ
ତୁମ ବିନା ମୁଁ ନିର୍ଜୀବ ॥

ନନ୍ଦିଗ୍ରାମ , ନାଉଗାଁ ,ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ବରଷାରାଣୀର ଲୁଚ଼କାଳି

*ସୁନୀଲ କୁମାର ପ୍ରଧାନ*



ଖରାରେ ପ୍ରକୋପେ ବରଷା ତ ନାହିଁ
ନ ଆସେ ବାଦଲ ଝଡି
ଧରଣୀ ମାଆ କୁ ଦୁଃଖ ତ ଆସୁଛି
ସୁଖୀ ଗଲା ବିଲ ବାଡି ।
ଠାଏଁ ଠାଏଁ ପୁଣି ବରଷା ହୁଅଇ
କରଇ ଲୁଚ଼କାଳି
ଗ୍ରୀଷ୍ମ ପ୍ରକାପେ ନଈ ନାଳ ସବୁ
ଶୁଖିଲା ପଡ଼ିଛି ଖାଲି ।
ବରଷା ରାଣୀର ନ ପାଇ ଦେଖା
ଲୁଚ଼କାଳି ସେ ଖେଳଇ ଏକା
ଜଳ ସଙ୍କଟ ଦେଖା ଦେଇଥାଏ
କିଏ ସେ କରିବ ଆହା ।
ବରଷା କୁ ସତେ କରି ଭରସା
ଆସଇ ଯେବେ ଝଡି ବରଷା
ଜଳ ର ରକ୍ଷଣ ଆମ ଦାୟିତ୍ୱ
ଆମ ଉପକାରେ ଆସଇ ସତ ।
ବରଷା ରାଣୀ ନ ଆସେ ଭାଇ
କାନ୍ଦଇ ମହୀ ବିକଳ ହୋଇ
ଆସଇ ମେଘ ବିଜୁଳି ମାରି
କମ୍ପନ କରି ଆସଇ ବାରି ।
ପଶୁ ପକ୍ଷୀ ଗଣ ନ ପାଇ ପାଣି
ଦୁଃଖ ବିକଳେ ଆତୁର ହୋଇ
ଆସଇ ମେଘ ବିଜୁଳି ମାରି
ଘୋର ଶବଦ ଗର୍ଜନ କରି ।
ଗଛ ଲତା ସବୁ ଛେଦନ ହୋଇଲା
କରିଲେ ମଣିଷ ଦଳ
ସଠିକ୍ ସମୟେ ବରଷା ହୁଏନି
ଆସଇ ଗ୍ରୀଷ୍ମ କାଳ ।
ଆସ କୁନା କୁନି ଗଛ ଲଗାଇବା
କରିବା ଗଛ ଯତନ
ସେ ପରା ବଞ୍ଚିଲେ ଆମେ ତ ବଞ୍ଚିବା
ହୃଦୟେ ଏହାକୁ ଘେନ ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ସେ ସ୍ମୃତି ମୋ' ନୀଳଜହ୍ନ

*ଲୋପାମୁଦ୍ରା ଜେନା*



ଆଉ ଲେଖିବିନି ଭାବୁଛି କବିତା ,
ସାରା ରାତି ଉଜାଗରେ !
ମୋ' ଶବ୍ଦ ସମ୍ଭାର ଛୁଉଁନି ତୁମକୁ ,
ଲେଖିବିନି ଅଯଥାରେ !!
ଆଉ ଗୁନ୍ଥିବିନି ମଲ୍ଲି ଫୁଲମାଳ ,
ଖୋସିବାକୁ ମୋ' ଗଭାରେ !
ଦେଖୁଛି , ତୁମେ ତ କେତେ ଆନମନା,
ପଡିଛ କି କା' ପ୍ରେମରେ ??
ମୋ' ପାଦେ ପାଉଁଜି ବାନ୍ଧିବିନି ଆଉ ,
ଶୁଭିବନି ତା' ଝଙ୍କାର !
ଝୁମୁରୁ ଝୁମୁରୁ ଶବଦରେ ତା'ର
ହେଉଥିଲ ଯେ ବିଭୋର !!
ଆଉ ଭିଜିବିନି ବରଷାରେ ମୁହିଁ,
ହେଉ ପଛେ ମୋ' ମିତଣୀ !
ଛୁଇଁଦେଲେ ସିଏ ଦେହକୁ ମୋହର ,
କହ ? ମୁଁ ତୁମ କାହାଣୀ !!
ଆଉ ଦେଖିବିନି ମନୁଆଁ ଜହ୍ନକୁ
ଭିଜିକି ନୀଳଜ୍ୟୋସ୍ନାରେ !
ନିରୋଳା ରାତିରେ ପଚ଼ାରିବସିବ,
'କେଣେ ଗଲା ତୋ' ସାଥୀ ,ରେ ?
ନାଇବିନି ଆଉ ପାଦରେ ମୋହର
ନାଲିରଙ୍ଗର ଅଳତା !
ସେ ଅଳତା କୁହେ ଅଯୁତ କାହାଣୀ
ଜାଳି ପ୍ରୀତିର ସଳିତା !!
ଦେଖିବିନି ଆଉ ନିରେଖି ନିରେଖି
ଅଭିମାନିନୀ ବେଳାକୁ !
ତା' ଭଲପାଇବା ବିକଳ୍ପ ବା କାହିଁ ,
ଆକର୍ଷ ? ପ୍ରାଣପ୍ରିୟକୁ !!
ଗାଇବିନି ଆଉ ମିଳନର ଗୀତି ,
ଗାଇବାର ତୃଷ୍ଣା ନେଇ !
ମୋ' ମନର ତୃଷ୍ଣା ମଉଳିଗଲାଣି ,
ଗାଇବାର ସ୍ପୃହା ନାହିଁ !!
ଆଉ ବୁଲିବିନି ସାଗର କୂଳରେ ,
ଖୋଜି ତୁମ ପାଦଚ଼ିହ୍ନ !
ସେ ପାଦ ଚ଼ିହ୍ନରେ ସ୍ମୃତି ଭରିଅଛି
ସେ ସ୍ମୃତି ମୋ' ନୀଳଜହ୍ନ !!

ବାଲାଜି କମ୍ପେ୍ଲକ୍ସ ,
ଭୁବନେଶ୍ୱର : ୭୫୧୦୦୬

## ଅସମାପ୍ତ ଅବଶୋଷ

*ସୁଧାକର ରାଉତ*



କବିତା ମୋ ଆଜି କାନ୍ଦେ
ଗୁମୁରି ଗୁମୁରି
ମନର ମଣିଷ କିଏ
କଲା ତାର ଚୋରି ।
ସୃଷ୍ଟି ଲୀଳା,ଖେଳା,ପ୍ରେମ
ସ୍ନେହ ଓ କରୁଣା
ମୁକ୍ତ ବିହଙ୍ଗ ର ସମ
ଝାଡୁଥିଲେ ଡେଣା ।
ଶୈଶବର ଚ଼ପଳତା
ଯୌବନ ଦୁ' ସ୍ୱପ୍ନ
ବାର୍ଦ୍ଧକ୍ୟ ହାହତୋସ୍ମିରେ
ଭବିଷ୍ୟତ ଲୀନ ।
ହିଂସା,କ୍ରୋଧ,ଭୟ,ଈର୍ଷା
ତା ହୃଦ ଆକାଶେ
ତାରାପୁଞ୍ଜ ଭଳି ଖଞ୍ଜି
ମନେ ମନେ ହସେ ।
ବିଦୀର୍ଣ୍ଣ କରି ବିବେକ
ଝଡ଼ ତୋଫାନରେ
ଟଳମଳ କରେ ତାରେ
ଡୁବା ନଉକାରେ ।
ନ ଆଙ୍କି ତୂଳୀରେ ତାର
ବର୍ଣ୍ଣ ବିଭା ରୂପ
ସୌନ୍ଦର୍ଯ୍ୟେ ତା ଭରି ଦେଲା
ଗ୍ଳାନି ଅଭିଶାପ ।
ଅଶ୍ରୁତ ପୂର୍ବ କଳଙ୍କ ?
ବିଳପି ବିଳପି
କାଳିମାମୟ ତା ହିଆ
ଉଛୁଳେ ତଥାପି ।
କଣ୍ଠାଗ୍ରତ ପଞ୍ଚପ୍ରାଣେ
ଆନନ୍ଦର ସୀମା
ଅଲଙ୍ଘନୀୟ ରହିଣ
ହରାଏ ମହିମା ।
ଦୁର୍ବୋଧ ଶବ୍ଦ ସମୂହ
ଧରି ତା ଛାତିରେ
ଅବଶୋଷେ ବଞ୍ଚିଛି ସେ
ଖାଲି ଶୂନ୍ୟତାରେ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨




# କ୍ୟାପିଟାଲ ହସ୍ପିଟାଲ ଓ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲକୁ ଆଉଟସୋର୍ସିଂ କରିବାକୁ ଦିଆଯିବନାହିଁ

ଭୁବନେଶ୍ୱର (ପିଏନ୍)- ଦୀର୍ଘ ୨୨ ବର୍ଷ ନିରଙ୍କୁଶ ଏବଂ ନିର'ର ଶାସନ ବ୍ୟବସ୍ଥାରେ ନବୀନ ପଟ୍ଟନାୟକ ସରକାରରେ ରହିଲା ପରେ ମଧ୍ୟ ସର୍ବନିମ୍ନ ସେବା ଯୋଗାଇବାରେ ଏ ସରକାର ଅପାରଗ ଓ ଅସମର୍ଥ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ଶୃଙ୍ଖଳା କର୍ମନିଯୁକ୍ତି ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ପରି ସର୍ବନିମ୍ନ ସେବା ଯୋଗାଇବା ଏକ ଗଣତାନ୍ତ୍ରିକ ସରକାରର ପ୍ରାଥମିକ କର୍ତବ୍ୟ ଓ ଦାୟିତ୍ୱ ମଧ୍ୟ। କି'ୁ ଓଡ଼ିଶା କ୍ଷେତ୍ରରେ ଏହା ସଂପୂର୍ଣ୍ଣ ଭିନ୍ନ। ଏ ରାଜ୍ୟ ସରକାର ଜନସାଧାରଣଙ୍କ ପାଖରୁ ଯେନ ତେନ ପ୍ରକାରର କର ଆଦାୟ କରିବା, ଫାଇନ ଆଦାୟ କରିବା ଓ ଫି ଆଦାୟ କରିବାଛଡ଼ା ସର୍ବନିମ୍ନ ସେବା ଯୋଗାଇଦେବା କର୍ତବ୍ୟ ନୁହେଁ ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇସାରିଛି। କ୍ୟାପିଟାଲ ହସପିଟାଲକୁ ରାଜ୍ୟର ଅନ୍ୟତମ ଉତ୍କୃଷ୍ଟମାନ ହସପିଟାଲ କରି ଗଢ଼ି ତୋଳିବା ସହିତ ପୋଷ୍ଟ ଗ୍ରାଜୁଏଟ ପିଲାମାନଙ୍କର ଶିକ୍ଷାନୁଷ୍ଠାନ କରିବାପାଇଁ ନବୀନ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଶହ ଶହ କୋଟି ଟଙ୍କାର ଯନ୍ତ୍ରପାତି ଠାରୁ ଆରମ୍ଭ କରି ଅତି ଉନ୍ନତମାନର ଯନ୍ତ୍ରପାତି ଖରିଦ କରାଯାଇଛି କି'ୁ ଆଜି ପର୍ଯ୍ୟ' ସେଗୁଡ଼ିକ କାର୍ଯ୍ୟକ୍ଷମ କରାଗଲା ନାହିଁ। ସରକାର ସ୍ୱାସ୍ଥ୍ୟଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସିଧାସଳଖ ନିଯୁକ୍ତି ପ୍ରଦାନ ନକରି ଏ ସବୁକୁ ଆଜି ଆଉଟସୋସିଂ କରିବାପାଇଁ ନିଷ୍ପତି ନେଇସାରିଛ'ି। ଯଦି ସରକାର ନିଜେ ନିଯୁକ୍ତି କରିପାରୁ ନାହାଁି ତାହାହେଲେ ବେସରକାରୀ ସଂସ୍ଥା କିଭଳି ଭାବରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ବିଭିନ୍ନ ପରୀକ୍ଷା ନିରୀକ୍ଷା କ୍ଷେତ୍ର ଏବଂ ଅଲଟ୍ରାସାଂଉଣ୍ଡ, ଏମଆରଆଇ ମେସିନ, ଏକ୍ସରେ ମେସିନ ଏବଂ ଆଇସିୟୁ, ଓଟି ଏସବୁ କ୍ଷେତ୍ରରେ ଅତି ଉଚ୍ଚକୋଟିର ମାନବସମ୍ବଳର ଆବଶ୍ୟକତା ଥିଲା ଏହା ବେସରକାରୀ ସଂସ୍ଥା ଦ୍ୱାରା ନିଯୁକ୍ତି କରାଇବା ଓ ଏ ସମସ୍ତ ସଂସ୍ଥାକୁ ବେସରକାରୀ ସଂସ୍ଥାକୁ ଟେକିଦେବା ଏହା କଣ ନବୀନ ବାବୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବାରେ ନିଷ୍ଠା କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସାରା ଓଡ଼ିଶାର ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର କର୍କଟ ରୋଗି ମାନଙ୍କ ଆଶା ଭରଷା। ଆଜି ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ହୁ ହୁ ବଢୁଥିଲା ବେଳେ ସରକାର ନିଜର ଉତର ଦାୟୀତ୍ୱ ନେବା ପରିବର୍ତେ ଏହାର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଆଉଟସୋସିଂ କରିବା କ'ଣ ଉଚିତକି ? ଏ ଆଉଟସୋସିଂ କରିବାଦ୍ୱାରା ଗରିବ ଜନସାଧାରଣଙ୍କ ପାଖରୁ ଅଧିକ ୟୁଜର୍ସଫି ଆଦାୟ ହେବ ଏବଂ ଓଡ଼ିଶାର ମାନବସମ୍ବଳକୁ ଠିକା କର୍ମଚାରି ନିଯୁକ୍ତି କରିବା ଶ୍ରେୟ ହେବ। ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ଧାରଣା ଭୁବନେଶ୍ୱର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସରକାରଙ୍କର ଏହି ଦୁଇ ହସପିଟାଲର ଆଉଟସୋର୍ସିଂ ବିରୋଧରେ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଏହି ନିଷ୍ପତିରୁ ତୁରନ୍ତ ସରକାର ଓହରି ଯାଆନ୍ତୁ ବୋଲି କହିଥିଲେ। ବରିଷ୍ଠ ଆଇନଜୀବି ଏବଂ କଂଗ୍ରେସ ନେତା ଶିବାନନ୍ଦ ରାୟ ସରକାରଙ୍କୁ ଏ ନିଷ୍ପତିରୁ କ୍ଷାନ୍ତ ରହିବା ସହିତ ଟାଟା ଯେଉଁ କ୍ୟାନସର ହସପିଟାଲ କରିବା କଥା ତାହା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରନ ଲେଙ୍କା ସରକାର ସିଧାସଳଖ ନିଯୁକ୍ତି ଦେବା ପରିବର୍ତେ କାହିଁକି ରାଜ୍ୟର ଯୁବକମାନଙ୍କର ଭବିଷ୍ୟତକୁ କିଛି ବେପାରିଙ୍କ ହାତରେ ଟେକି ଦେଉଛ'ି। ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ ଆସ'। ଦିନରେ ସରକାର ଏହି ନିଷ୍ପତିରୁ ନ ଓହରିଲେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ବିରୋଧରେ ଲଢ଼େଇ ଯୋରଦାର ହେବ। ସାମାଜିକ କର୍ମୀ ଶ୍ରୀ ଦେବୀ ପୃଷ୍ଟି ସରକାରଙ୍କର ସ୍ୱାସ୍ଥ୍ୟ କ୍ଷେତ୍ରରେ ଘରୋଇ କରଣକୁ ଘୋର ନିନ୍ଦା କରିବା ସହିତ ରାଜ୍ୟ ସରକାର ଅପାରଗ କି ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ତଥା ବରିଷ୍ଠ କଂଗ୍ରେସ ନେତା ମନୋରଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ରଶ୍ମି ମହାପାତ୍ର, ରଜନୀ ମହାଁି, ଅଶୋକ ଦାସ, ଗିତାଳି ମହାଁି ଇତ୍ୟାଦି ମଧ୍ୟ ସରକାରଙ୍କୁ ଏତାଦୃଶ କାର୍ଯ୍ୟପାଇଁ କଡ଼ାସମାଲୋଚନା କରିଥିଲେ। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ମୋହନ ଜେନା, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଦେବରାଜ ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଆଶିଷ ମଲ୍ଲିକ, ସେକ ଆଫତାବ ଅଲ୍ଲି, ସେକ୍ ତାକ୍ୟୁୟୁନି, ରଶିକ ପଟ୍ଟନାୟକ, ମଂଟୁ ମଲ୍ଲିକ, ସୌମେନ୍ଦ୍ର ମହାଁି, କୁସୁମ ପ୍ରଧାନ, ପ୍ରଭାବତି ପଟ୍ଟନାୟକ, ଜୟଶ୍ରୀ ନନ୍ଦ, ପ୍ରକାଶ ମିଶ୍ର, ରଣଜିତ ପାତ୍ର, ଦେବୀ ପ୍ରସାଦ ବାହାଲିଆ, ସଂଜୟ ପରିଡ଼ା, ଅନିଲ ଦାସ, କୈଳାସ ସାହୁ, ଉମେଶ ଦାସ, ଦେବାଶିଷ ଦାସ, ନଳିନୀ ନାୟକ, ସାଗର ପରିଡ଼ା, ଅକ୍ଷୟ ମହାଁି, ଶିବ ସେଠି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଶିଷ୍ଟ ଆଇନଜ୍ଞ ଦେବୀପ୍ରସାଦ ଧଳଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନ



ଭୁବନେଶ୍ୱର (ପିଏନ୍): ପ୍ରାକ୍ତନ ମନ୍ତ୍ରୀ, ବିଧାୟକ, ଜନନାୟକ ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ସ୍ୱର୍ଗତଃ ଗଙ୍ଗାଧର ମହାପାତ୍ରଙ୍କ ୧୦୯ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ଭାରତୀୟ ବିଦ୍ୟାଭବନଠାରେ ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟକ୍ଷ, ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପ୍ରଜ୍ଞାଦୀପ୍ତ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ନ୍ୟାୟମୂର୍ତ୍ତି ସଞ୍ଜୟ ପଣ୍ଡା, ବୁଦ୍ଧଦେବ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମହାପାତ୍ରଙ୍କ ଜନସେବା ତଥା ଜନପ୍ରତିନିଧି ଭାବେ ସମାଜ ପ୍ରତି ଥିବା ଅବଦାନକୁ ସ୍ମରଣ କରିବା ସହିତ ଜଣେ ରାଜନୀତିଜ୍ଞ ଭାବେ ଜନସାଧାରଣଙ୍କ ସେବାରେ ସମର୍ପିତ ଭାବେ ରହିବା ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତଥା ଆଇନଜ୍ଞ ଭାବେ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂଜ୍ୟପୂଜା ହେଉଛି ଉତ୍କଳର ପାତାଳଭେଦୀ ସଂସ୍କୃତି। ଏହାକୁ ପାଥେୟ କରି ସେ ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମ କରିବା ସହିତ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କର ଅବଦାନ ଆଜି ମଧ୍ୟ ବହୁ ପ୍ରାସଙ୍ଗିକତା ବହନ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଜଣେ ସରଳ, ନିଷ୍କପଟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅଧିବକ୍ତା ଆଇନଜ୍ଞ ଦେବୀପ୍ରସାଦ ଧଳଙ୍କୁ ସ୍ୱର୍ଗତଃ ଗଙ୍ଗାଧର ମହାପାତ୍ର ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ସଂଯୋଜକ ନାରାୟଣ ଓଝା, ବି. ମୁରଲୀଧର, ରୋହିତ କୁମାର, ଡଃ ଅସିତ୍ ଦାସ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ଉମାବଲ୍ଲଭ ମହାପାତ୍ର କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ଜିଲ୍ଲା ଶ୍ରମ ନିୟୋଜନ ବିଭାଗ ଓ ମଡେଲ କେୟାର ଆନୁକୂଲ୍ୟରେ ନିଯୁକ୍ତି ସୁଯୋଗ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଶ୍ରମ ନିୟୋଜନ ଓ ମଡେଲ କେୟାର ସେଣ୍ଟର ଆନୁକୂଲ୍ୟରେ ଗତ ମାସ ୨୮, ୨୯ ଦୁଇଦିନ ଧରି ନିଯୁକ୍ତି ପ୍ରକ୍ରିୟା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିଯୁକ୍ତି କର୍ମଶାଳାରେ ଯୁକ୍ତ ୨ ଡିପ୍ଲୋମା, ଗ୍ରାଜୁଏଟ୍ ଏବଂ ଏମ୍‌ବିଏ ପାଠ୍ୟକ୍ରମରେ ବେକାର ଯୁବକ ଯୁବତୀମାନେ ଯୋଗଦେଇ ଥିଲେ। ଏଥିରେ ୧୨୦ଜଣ ଯୁବକ ଯୁବତୀ ଯୋଗ ଦେଇଥିଲେ। ଏଥିମଧ୍ୟରୁ ୩୯ଜଣ ଯୁବକ ଯୁବତୀଙ୍କୁ Shortlisted କରାଯାଇଥିଲା। ଜିଫୋରଏସ୍ ସିକ୍ୟୁରିଟି ଦ୍ୱାରା କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରୁ ୬୦ଜଣ ଯୁବକ ଯୋଗ ଦେଇଥିବା ବେଳେ ୨୧ଜଣଙ୍କୁ ଜିଫୋରଏସ୍ ସିକ୍ୟୁରିଟି ଦ୍ୱାରା ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବେକାର ରହିଯାଇଥିବା ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବାପାଇଁ ଜିଲ୍ଲା ନିୟୋଜନ ଅଧିକାରୀ ସୂଚନା ଦେଇଥିଲେ।

# କୋଣାର୍କ ସୁରକ୍ଷା ପରିଷଦର ଜନସମାବେଶ ସଫଳ



କୋଣାର୍କ (ପିଏନ୍): ଗୁରୁବାର କୋଣାର୍କ ସୁରକ୍ଷା ପରିଷଦ ପକ୍ଷରୁ କୋଣାର୍କଠାରେ ଆୟୋଜିତ ବିଶାଳ ଜନସମାବେଶ ସଫଳ ହୋଇଛି। ଏହି ସମାବେଶରେ ଭାରତୀୟ ଜନତାପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳିର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗ ଦେଇଥିଲେ। କୋଣାର୍କ ସୁରକ୍ଷା ପରିଷଦର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳା ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ବର୍ଷା ସତ୍ୱେ କୋଣାର୍କ ମାଧିପୁର ଛକଠାରୁ ମେଡିକାଲ ଛକ ସ୍ଥିତ ମଂଚସ୍ଥଳକୁ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। କୋଣାର୍କ ସୁରକ୍ଷା ପରିଷଦର ଆବାହକ ସୁରେନ୍ କୁମାର ପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନସମାବେଶ କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ଷଡଙ୍ଗୀ ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ସଭାପତି ନିକୁଞ୍ଜ ପଟ୍ଟନାୟକ, ମନ୍ମଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ସଭାମଂଚର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଧନ୍ୟବାଦ ଅର୍ପଣ କରିଥିଲେ ଉପଦେଷ୍ଟା ଅକ୍ଷୟ କୁମାର ନାୟକ। ଏହି ଅବସରରେ କୋଣାର୍କର ବହୁବିଧ ସମସ୍ୟା ଯଥା -ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ସୂର୍ଯ୍ୟମନ୍ଦିରରେ ଫଟୋଗ୍ରାଫି ସମସ୍ୟା, ରେଳପଥ ସଂଯୋଗୀକରଣ, ହେଲିପ୍ୟାଡର ଉନ୍ନତିକରଣ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧି ଓ ସ୍ଥାନୀୟ ଲୋକଙ୍କଠାରୁ ଅବଗତ ହୋଇଥିଲେ। ଅପରାହ୍ନ ୪ଟାରେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନରେ ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଥିଲେ, ମୁଁ କୋଣାର୍କର ବହୁବିଧ ସମସ୍ୟା ସମ୍ପର୍କରେ ଅବଗତ ହେଲି। ମୋ' ଦ୍ୱାରା ଯାହା ସମ୍ଭବ, ତାହାର ସମାଧାନ କରିବା ପାଇଁ ଚେଷ୍ଟା କରିବି।

# କୋଣାର୍କ ଏନଏସିର ଶିଶୁ ଉଦ୍ୟାନ ଏବେ ଛାରଖାର



କୋଣାର୍କ (ପିଏନ୍)- କୋଣାର୍କ ଏନଏସି କାର୍ଯ୍ୟାଳୟ ପରିସରରେ କୋମଳମତି ଶିଶୁମାନଙ୍କ ମନୋରଞ୍ଜନ ନିମନ୍ତେ ୨୦୧୪ ମସିହା ଅଗଷ୍ଟ ମାସ ୩୧ତାରିଖ ସ୍ୱାୟତଶାସନ ଦିବସ ଅବସରରେ ସେ ସମୟର କାକଟପୁର ବିଧାୟକ ସୁରେନ୍ଦ୍ରନାଥ ସେଠୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ଶିଶୁ ଉଦ୍ୟାନ। ନଗର ଉନ୍ନୟନ ବିଭାଗ ପକ୍ଷରୁ ୩୨ ଲକ୍ଷ ୫୨ ହଜାର ଟଙ୍କାର ବ୍ୟୟ କରାଯାଇ ଛୋଟ ପିଲାଙ୍କ ମନୋରଞ୍ଜନ ଓ ଖେଳକୁଦ କରିବା ପାଇଁ ବିଭିନ୍ନ ପ୍ରକାର ଉପକରଣ ଓ ସୁଶୋଭିତ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇଥିଲା ଶିଶୁ ଉଦ୍ୟାନକୁ। ଏହି ଉଦ୍ୟାନ ମଧ୍ୟରେ ଶୋଭାବର୍ଦ୍ଧନ କରୁଥିବା ବିଲୁପ୍ତ ଡାଇନସର, ହାତୀ, ଘୋଡା, ଓଟ, ଜେବ୍ରା, ହରିଣ ଓ ଜିରାଫ ଆଦି ପଶୁମାନଙ୍କର ଏହି ପ୍ରତିଛବିକୁ ଦେଖି ପିଲାମାନେ ଆନନ୍ଦିତ ହେଉଥିବାବେଳେ ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶିଶୁ ଉଦ୍ୟାନରେ ଲାଗିଥିବା ବିଭିନ୍ନ ପ୍ରକାର ଖେଳ ଉପକରଣ ନିକଟରେ ଖେଳକୁଦରେ ମଜିରହୁଥିଲେ ପିଲାମାନେ। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏହି ଶିଶୁ ଉଦ୍ୟାନକୁ ଦେଖି ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଏଠାରେ କିଛି ସମୟ ପାଇଁ ଅଟକି ଯାଉଥିବା ଦେଖିବାକୁ ମିଳୁଥିଲା। କୋଣାର୍କ ଏନଏସିର ଏହି ଶିଶୁ ଉଦ୍ୟାନଟି ସେ ସମୟରେ ଛୋଟ ପିଲାମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବାବେଳେ ଏଠାରେ ପ୍ରବଳ ଭିଡ ମଧ୍ୟ ପରିଲକ୍ଷିତ ହେଉଥିଲା। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣାର ଅଭାବ ପାଇଁ ଏହି ଶିଶୁ ଉଦ୍ୟାନଟି ଗୋରୁଗାଈ ଚାରଣ ଭୂମି ହୋଇଥିବା ବେଳେ ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଆଡାସ୍ଥଳି ପାଲଟିଥିଲା। ଶିଶୁ ଉଦ୍ୟାନ ମଧ୍ୟରେ ଥିବା ଖେଳ ଉପକରଣ ଓ ପଶୁପକ୍ଷୀଙ୍କ ପ୍ରତିଛବି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଅଳିଆଗଦାରେ ପଡିରହିଛି। ସାମାନ୍ୟ ଅର୍ଥ ଖର୍ଚ୍ଚ କରିଥିଲେ ଏହାର ପୁନରୁଦ୍ଧାର ହୋଇପାରିଥା'ନ୍ତା। କିନ୍ତୁ କେଉଁ ସ୍ୱାର୍ଥସାଧନ ପାଇଁ ଏହା ନ କରି ନିର୍ବାହୀ ଅଧିକାରୀ ଶିଶୁ ଉଦ୍ୟାନକୁ ପୁଷ୍ପ ଉଦ୍ୟାନରେ ପରିଣତ କରିଦେଲେ, ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପୁଷ୍ପ ଉଦ୍ୟାନର ରକ୍ଷଣାବେକ୍ଷଣ ପାଇଁ ଏକାଧିକ କର୍ମଚାରୀ ମୁତୟନ ହୋଇଛନ୍ତି। ଏନଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଓ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହି ଶିଶୁ ଉଦ୍ୟାନଟି ଅସ୍ତିତ୍ୱ ହରାଇଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।







## ଲାଲ ବାହାଦୂର ସରକାରୀ ନୋଡାଲ ଉଚ୍ଚ ଶିକ୍ଷାଶ୍ରମ ପୁରାତନ ଛାତ୍ରସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲ ବାହାଦୂର ସରକାରୀ ନୋଡାଲ ଉଚ୍ଚ ଶିକ୍ଷାଶ୍ରମ ଓ ପୁରାତନ ଛାତ୍ରସଂସଦର ମିଳିତ ଆନୁକୂଲ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ଦିବାକର ଜେନାଙ୍କ ବିୟୋଗରେ ଏକ ସ୍ମୃତିସଭା ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୁରାତନ ଛାତ୍ରସଂସଦ ସଭାପତି ହେମନ୍ତ କୁମାର ଜେନା, ଉପସଭାପତି ବିଜୟ କୁମାର ଦାସ, ସମ୍ପାଦକ ହିମାଂଶୁଭୂଷଣ ରାଉତ, ପୁରାତନ ଛାତ୍ର ପ୍ରତାପ ବିଶ୍ୱାଳ, ଶୁଭାଂଶୁ ଦାସ, ସୁଧାଂଶୁ ଷଡଙ୍ଗୀ, ଅରବିନ୍ଦ ମହାନ୍ତି, ଶ୍ରୀବତ୍ସ ନାୟକ, ଗୋପବନ୍ଧୁ ନାୟକ, ସତ୍ୟପ୍ରିୟ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ବାଇଧର ରାଉତ, ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ ଶିକ୍ଷାଶ୍ରମର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ପୁରାତନ ଛାତ୍ରମାନେ ଯୋଗଦେଇ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ଜେନାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆନନ୍ଦପୁର ତହସିଲ ପକ୍ଷରୁ ଟ୍ରାକ୍ଟର ଜବତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମ୍ୟୁନିସିପାଲଟିର ପଦ୍ମପୁର ବାଲିଘାଟରୁ ଗୋଟିଏ ଟ୍ରାକ୍ଟର ବେଆଇନ୍ ଭାବେ ବାଲି ଉଠାଣ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଘଟଣସ୍ଥଳରେ ପହଂଚି ଉକ୍ତ ଟ୍ରାକ୍ଟରକୁ ଜବତ କରିବା ସହ ରୟାଲଟି ବାବଦକୁ ୩୦ ହଜାର ଟଙ୍କା ଫାଇନ୍ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଶ୍ରୀସତ୍ୟସାଇ ପୁନର୍ବସତି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପଣ୍ଡୁଆସ୍ଥିତ ସାଇ ଆରୋଗ୍ୟମ ପକ୍ଷରୁ ଶ୍ରୀ ସତ୍ୟସାଇ ପୁନର୍ବସତୀ ଶିବିର (ଏସଆରଟି) ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ ଆଦି ଜିଲ୍ଲାର ରୋଗୀମାନେ ପ୍ରଶାନ୍ତି ନିଳୟମସ୍ଥିତ ସୁପର ସ୍ପେଶାଲିଟି ହସ୍ପିଟାଲ, ବାଙ୍ଗାଲୋରର ହ୍ୱାଇଟ୍ ଫିଲଡ୍ ଓ ରାଜକୋଟରେ ଥିବା ଡାକ୍ତରଖାନାରେ ପୂର୍ବରୁ ଚିକିତ୍ସିତ ହୋଇଥିଲେ। ସେମାନଙ୍କର ଭାଲବ୍ ରିପ୍ଲେସମେଂଟ୍ ଓ ପିଟିଆଇଏନଆର ପରୀକ୍ଷା କରାଯାଇଥିଲା। ପ୍ରଶାନ୍ତି ନିଳୟମର ଡା. ଜେ ନାଗେଶ୍ୱର ରାଓ ରୋଗୀମାନଙ୍କୁ ସ୍ୱତନ୍ତ୍ର ଭାବରେ କାଉନସିଲିଂ କରି ଖାଦ୍ୟ ଖାଇବାର ପ୍ରକ୍ରିୟା ଉପରେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ୧୫ଜଣ ହୃଦ୍‌ରୋଗୀ ଓ ୧୦ଜଣ ବିଭିନ୍ନ ରୋଗୀ ସହ ମୋଟ ୨୫ଜଣଙ୍କ ଚିକିତ୍ସା କରାଯାଇଥିଲା। ସାଇ ଆରୋଗ୍ୟମର ପ୍ରତିଷ୍ଠାତା ତଥା ରାଜ୍ୟ ସତ୍ୟସାଇ ସେବା ସଂଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମି ରଂଜନ ରାୟ, ଜିଲ୍ଲା ସତ୍ୟସାଇ ସେବା ସଂଗଠନର ସଭାପତି ଡା. ନିଶିକାନ୍ତ କର, ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ନିହାର ରଂଜନ ଖୁଂଟିଆ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦେଇଥିଲେ। ଏହି ଦିନ ଭୋର ୪.୩୦ରୁ ଓଁକାରମ୍, ସୁପ୍ରଭାତମ୍, ନଗର ପରିକ୍ରମା ଓ ସାମୂହିକ ଭଜନ କରାଯାଇଥିଲା। ଏହି ଶିବିରରେ ଅତିଥି ଭାବେ କଟକ ଜିଲ୍ଲା ସତ୍ୟସାଇ ସେବା ସଂଗଠନ ସଭାପତି ବିଚିତ୍ରାନନ୍ଦ ମହାନ୍ତି ଯୋଗଦେଇଥିବା ବେଳେ ଶିବିରକୁ ସତ୍ୟସାଇସେବା ସଂଗଠନ ଜାରକା ଆବାହକ ସୁଶାନ୍ତ କୁମାର ନାୟକ ପରିଚାଳନାରେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ବଟକୃଷ୍ଣ ମଲିକ, ପ୍ରଭାତ କୁମାର ଜେନା, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ଅଧ୍ୟାତ୍ମିକ ସଂଯୋଜକ ନିରଂଜନ ଶ୍ୟାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ମଦନାନନ୍ଦ ମଲିକ, ସୁବାସ ଚନ୍ଦ୍ର ସାହୁ, ଶୁଭମ ରାଉତ, ଗଗନ ବିହାରୀ ଦତ, ଆନନ୍ଦ ଚନ୍ଦ୍ର ନାୟକ, ସୌରଭ କୁମାର ଜେନା, ପ୍ରଫୁଲ୍ଲ ଜେନା, ବାଲବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଜିଲ୍ଲା ମହିଳା ସେବା ସଂଯୋଜିକା ପ୍ରଣତି ନାୟକ, ଶୁଭ ପ୍ରିୟଦର୍ଶିନୀ ମଲିକ, ସାଗରିକା ଶ୍ୟାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲଣ ସତ୍ୟସାଇ ସେବା ସମିତି, ନିଶିମଳା ଓ ବରଜୁପୁର ଭଜନ ମଣ୍ଡଳୀର ଭାଇ ଭଉଣୀମାନେ ଭଜନ ପରିବେଷଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ





ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥ ହୋଟେଲ୍ ପ୍ରେସିଡେନ୍ସିର ସମ୍ମିଳନୀ କକ୍ଷରେ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର କନଫ୍ଲୁଏନ୍ସର ୧୫ତମ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଡଃ ତପନ କୁମାର ଚନ୍ଦ ଯୋଗ ଦେଇ ମହାପ୍ରଭୁ ଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରୋଟାରୀ କ୍ଲବ୍‌ର ପ୍ରତିଷ୍ଠାତା ପଲ୍ ପି ହାରିସ୍‌ଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ରୋଟାରୀ କ୍ଲବ୍‌ର ଏହି ଅଧିଷ୍ଠାନ ଉତ୍ସବରେ ରୋଟାରୀ ବର୍ଷ ୨୦୨୨-୨୩ ପାଇଁ ରୋଟାରୀଆନ୍ ଡାକ୍ତର ସୌଭିକ୍ ସିଂହା ସଭାପତି ଓ ରୋଟାରୀଆନ୍ ରୁଦ୍ର ପ୍ରସାଦ ହୋତା ସମ୍ପାଦକ ରୂପେ ଦାୟିତ୍ୱ ଗ୍ରହଣ କରିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଗତବର୍ଷ ୨୦୨୧-୨୨ର ବିଦାୟୀ ସମ୍ପାଦକ ଗତବର୍ଷର ବାର୍ଷିକ କାର୍ଯ୍ୟକଳାପର ବିବରଣୀ ଉପସ୍ଥାପନ କରିବା ସହ ଏବର୍ଷର ସଭାପତି ଓ ସମ୍ପାଦକଙ୍କ ପରିଚୟ ପ୍ରଦାନ କରିଥିଲେ । ଗତବର୍ଷର ବିଦାୟୀ ସଭାପତି ରୋଟାରୀଆନ୍ ବିଦ୍ୟୁତ୍ କୁମାର ସେଠୀ ଓ ସମ୍ପାଦକ ରୋଟାରୀଆନ୍ ଅଂଶୁମାନ ରଥଙ୍କ କାର୍ଯ୍ୟକଳାପକୁ ଉପସ୍ଥିତ ସମସ୍ତ ରୋଟାରୀଆନ୍ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ କୈଳାସ କାନୁନ୍‌ଗୋ, ଡଃ ବିଷ୍ଣୁ ଚରଣ ସାହୁ , ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ସୌମ୍ୟ ରଂଜନ ମିଶ୍ର, ଡଃ ଲଳିତ କୁମାର ବେହେରା, ଦିଲ୍ଲୀପ କୁମାର ପଟ୍ଟନାୟକ,ସହକାରୀ ଗଭର୍ଣ୍ଣର ଦେବଯାନୀ ବୋଷ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରୋଟାରୀ କ୍ଲବ୍ ପକ୍ଷରୁ ସ୍ପେସିଆଲ୍ କ୍ଲବ୍ ବୁଲେଟିନ୍ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । ରୋଟାରୀଆନ୍ ନୀଳାଂଚଳ ପ୍ରଧାନ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିଥିବା ବେଳେ ଡଃ ନେହା ମୁଖ୍ୟଅତିଥିଙ୍କୁ ସ୍ୱାଗତ କରିବା ସହ ତାଙ୍କର ପରିଚୟ ପ୍ରଦାନ କରିଥିଲେ । ଏତଦ୍ ବ୍ୟତୀତ ରୋଟାରୀ କ୍ଲବ୍ ତରଫରୁ ମୁଖ୍ୟଅତିଥିଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ରୋଟାରୀଆନ୍ କାଳୀକିଙ୍କର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ କ୍ଲବ୍ ପକ୍ଷରୁ ନୃତ୍ୟ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ପାରାଦୀପରେ ନବଗଠିତ ଶ୍ରମିକ ସଙ୍ଗଠନର କାର୍ଯ୍ୟାଳୟ ଉଦଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ଠାରେ ନବ ଗଠିତ ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନର କାର୍ଯ୍ୟାଳୟ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି । ମଧୁବନ ହାଉସିଂ ବୋର୍ଡ କଲୋନୀ ପରିସରରେ ବରିଷ୍ଠ ଶ୍ରମିକ ନେତା ତଥା ୟୁନିୟନର ମୁଖ୍ୟ ଉପଦେଷ୍ଟା ସୁଧାକର ମନ୍ତ୍ରୀ ଏହି କାର୍ଯ୍ୟାଳୟର ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସମାରୋହରେ ୟୁନିୟନର ସଭାପତି ଦେବୀ ପ୍ରସାଦ ସାମ'ରାୟ,ସାଧାରଣ ସଂପାଦକ ରତ୍ନାକର ସ୍ୱାଇଁ, କୋଷାଧକ୍ଷ ବିକ୍ରମ ସିଂ ମହାରଣା ଯୋଗ ଦେଇ ଶ୍ରମିକ ସଙ୍ଗଠନର ଗଠନ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନର ମୁଖ୍ୟ ଉପଦେଷ୍ଟା ସୁଧାକର ମନ୍ତ୍ରୀ ପାରାଦୀପରେ ଶ୍ରମିକମାନଙ୍କର ସମସ୍ୟା ଦିଗରେ ତାଙ୍କର ଏହି ୟୁନିୟନ କାର୍ଯ୍ୟ କରିବ ବୋଲି କହିଥିଲେ । ଶ୍ରମିକମାନଙ୍କର କଲ୍ୟାଣ କରିବା, ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ କିଭଳି ସାମିଲ କରିବ ସେ ଦିଗରେ ସେଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ୟୁନିୟନର ଆଇନ ପରାମର୍ଶଦାତା ରବିନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୟୁନିୟନର ଅନ୍ୟ କର୍ମକର୍ତା ଓ ଶ୍ରମିକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

## ଶିକ୍ଷାବିତ ରବିନାରାୟଣ ମିଶ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



କେନ୍ଦ୍ରାପଡ଼ା,(ପି.ଏନ): ଶିକ୍ଷାବିତ ସ୍ୱର୍ଗତ ରବିନାରାୟଣ ମିଶ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଗରାପୁରସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀୟୁଙ୍କ ମନ୍ଦିର ତଥା ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆଶ୍ରମର ପରିଚାଳକ ବାବାଜୀ ଚେତନାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଦିବ୍ୟ କଥାବସ୍ତୁ, ଆଲୋଚନା, ସତସଙ୍ଗ, ଶ୍ରୀମଦ୍ ଭାଗବତ୍ ଏକାଦଶସ୍କନ୍ଧ ଓ ଶ୍ରୀମଦ୍ ଭାଗବତ ଗୀତା ପାଠ, ସମୂହ ପ୍ରାର୍ଥନା ଏବଂ ଭଜନ ସହିତ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବାବାଜୀ ସତ୍ୟାନନ୍ଦ ଦାସ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଳୌକାବାଣୀ ପତ୍ରିକାର ସମ୍ପାଦନା ମଣ୍ଡଳୀର ସଭ୍ୟ ଦେବେନ୍ଦ୍ର ନାଥ ପରିଡ଼ା, ବାଙ୍କବିହାରୀ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତ ଆଚାର୍ଯ୍ୟ, ସମାଜସେବୀ ଶ୍ରୀଧର କୁମାର ମହାନ୍ତି, ଶିକ୍ଷାବିତ କେଶବ ସେଠୀ, ମନୋରଞ୍ଜନ ତ୍ରିପାଠୀ, ଇନ୍ଦ୍ରମଣୀ ପଣ୍ଡା, ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ବହୁ ଭକ୍ତ ଓ ସଜ୍ଜନ ଉପସ୍ଥିତ ରହି ପରମକାରୁଣିକ ବାବା ବୈକୁଣ୍ଠନାଥଙ୍କର ପୂଜାର୍ଚ୍ଚନା ସହ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଧର୍ମପତ୍ନୀ ସାବିତ୍ରୀ ଆଚାର୍ଯ୍ୟ, ପୁତ୍ର ପ୍ରଦୀପ, ପ୍ରସନ୍ନ, ଜ୍ୱାଇଁ ଅନିରୁଦ୍ଧ, କନ୍ୟା ମମତା, ବୋହୁ ଅଲିଭା ଓ ସୋନାଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରିମ୍‌ଝିମ୍ କଂପାନୀ ଏବଂ ବିଆର୍‌ଜି କଂପାନୀ ଲିକ୍ୱିଡେଟର୍‌ଙ୍କର ଠକାମି ବିରୋଧରେ ଶ୍ରମିକମାନେ କଂପାନୀ ଗେଟ୍ ଆଗରେ ଧାରଣା




କୁରୁଣ୍ଟି ,(ପି.ଏନ): ରିମ୍‌ଝିମ୍ କଂପାନୀ ଏବଂ ବିଆର୍‌ଜି କଂପାନୀ ଲିକ୍ୱିଡେଟର୍‌ଙ୍କର ଠକାମି ବିରୋଧରେ ଇଂଜିନିୟର୍ ଦେବାଶିଷ ହୋତାଙ୍କ ନେତୃତ୍ୱରେ ଶ୍ରମିକମାନେ ଆଜି ସକାଳ ୧୧ଟା ଠାରୁ କଂପାନୀ ଗେଟ୍ ଆଗରେ ଧାରଣାରେ ବସିରହିଥିଲେ । ସେମାନେ ପ୍ରଚଣ୍ଡ ବର୍ଷା ଏବଂ ଘଡଘଡିରେ ମରିବେ ପଛେ କିନ୍ତୁ ମୃତ ଶ୍ରମିକ ଟି. ସିଲ୍‌ବମ୍‌ଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଜଣକୁ ସ୍ଥାୟୀ ନିଯୁକ୍ତି ଦେବା ନ ଯାଏ ଏଠାରୁ ହଟିବେ ନାହିଁ ବୋଲି ଅଡିବସିବାରୁ କଂପାନୀ ଏବଂ ପୋଲିସ୍ ପ୍ରଶାସନ ହରଡଘଣାରେ ପଡିଯାଇଥିଲେ । ଓଡାପଡା ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା, ଥାନା ଅଧିକାରୀ ନିରଂଜନ ସେଠୀ ଏବଂ କଂପାନୀର ଉପରିସ୍ଥ ଅଧିକାରୀମାନେ ଆନ୍ଦୋଳନ ସ୍ଥଳରେ ପହଂଚି ଇଂ ହୋତାଙ୍କ ସହିତ ଆଲୋଚନା କରିବା ପରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଆଗାମୀ ୧୦ ଦିନ ଭିତରେ ଏକ ତ୍ରି-ପକ୍ଷୀୟ ବୈଠକ କରାଯାଇ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଯାଇ ଆଜିର ଆନ୍ଦୋଳନ ୧ ମାସ ପାଇଁ ସ୍ଥଗିତ ରହିଲା ।ଏଠାରେ ସୂଚନା ଯୋଗ୍ୟ ଯେ, ବିଆର୍‌ଜି କଂପାନୀର ଟି. ସିଲ୍‌ବମ୍ ବୋଲି ଜଣେ ଗରିବ ଶ୍ରମିକ କଂପାନୀରେ କାମ କରୁଥିବା ସମୟରେ ଗତ ୧୯ ଫେବୃୟାରୀ ୨୦୨୦ ଦିନ ଆହତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ଅବସ୍ଥାରେ ୫ ଦିନ ପରେ ମରିଗଲେ । ତାଙ୍କ ଶବକୁ ଧରି ଶ୍ରମିକମାନେ "ଆନ୍ଦୋଳନ" କରିବାରୁ "ମୋଟଙ୍ଗା ଥାନା ଅଧିକାରୀ"ଙ୍କ ସାମନାରେ ୨୩ ଫେବୃୟାରୀ ୨୦୨୦ ଦିନ ବିଆର୍‌ଜି କଂପାନୀ ଅଧିକାରୀମାନେ ମୃତ ଶ୍ରମିକ ଟି. ସିଲ୍‌ବମ୍‌ଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଜଣକୁ ସ୍ଥାୟୀ ନିଯୁକ୍ତି ଦେବାର ଲିଖିତ ପ୍ରତିଶୃତି ଦେଇଥିଲେ । ଗତ ୨ ବର୍ଷ ଧରି କଂପାନୀ ଅଧିକାରୀମାନଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ କିଛି ଲାଭ ନ ପାଇବାରୁ ବାଧ୍ୟ ହୋଇ ୪ ମଇ ୨୦୨୨ ଦିନ ଏ ବିଷୟରେ ଏହି ଶ୍ରମିକ ପରିବାର ଇଂ ହୋତାଙ୍କୁ ଜଣାଇଲେ । ଇଂ ହୋତା ସେହି ଦିନ ସମସ୍ତ ରେକର୍ଡ୍ ସହିତ ଡିଏଲ୍‌ଓଙ୍କ ପାଖରେ ଏକ କେସ୍ ଦାୟାର କରିଥିଲେ । କେସ୍ ଦେବାର ମାତ୍ର ୨୨ ଦିନ ମଧ୍ୟରେ, ଅର୍ଥାତ୍ ଗତ ୨୬ ମଇରେ ରିମ୍‌ଝିମ୍ କଂପାନୀ ୭ ଦିନ ମଧ୍ୟରେ ଉପରୋକ୍ତ ଲିଖିତ ପ୍ରତିଶୃତି ପାଳନ କରିବାକୁ ଡିଏଲ୍‌ଓ ଆଦେଶ ଦେଇଥିଲେ । ଅଥଚ "ରିମ୍‌ଝିମ୍ କଂପାନୀ" ମୃତ ଶ୍ରମିକ ଟି. ସିଲ୍‌ବମ୍‌ଙ୍କ ପରିବାରକୁ ୬ ଶହ କିଲୋମିଟର ଦୁର "କଲିକତାସ୍ଥ କଂପାନୀ ଟ୍ରିବ୍ୟୁନାଲ୍"ରେ କେସ୍ କରିବାକୁ କହୁଛି । ଏହା ଗୋଟିଏ ଗରିବ ଶ୍ରମିକ ପାଖରେ ସମ୍ଭବ କି ?? ବିଆର୍‌ଜି କଂପାନୀକୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ୟୁକୋ ବ୍ୟାଙ୍କ୍ ଭଳି ସଂସ୍ଥାମାନଙ୍କର ୩୪୬୧ କୋଟି ଟଙ୍କା ବକେୟା ଋଣ ଶୁଝିବାକୁ ଥିବାବେଳେ ମାତ୍ର ୫୦୭ କୋଟି ଟଙ୍କା ଦେଇ ରିମ୍‌ଝିମ୍ କଂପାନୀ କିଭଳି ଏହାକୁ କିଣିନେଲା ?? ବିଆର୍‌ଜି କଂପାନୀ "ଲିକ୍ୱିଡେଟର୍" ଶ୍ରୀ କାନନ ତିରୁଭେଙ୍ଗଡମ୍‌ଙ୍କ ହିସାବରେ ସେ କୁଆଡେ ବିଆର୍‌ଜି କଂପାନୀର "ନିଲାମ୍" କରାଇବାକୁ "୬ ଥର" ସର୍ବସାଧାରଣ ନୋଟିସ୍ ଦେଇଥିଲେ ମଧ୍ୟ କେହି କିଣିବାକୁ ରାଜି ନ ହେବାରୁ ବାଧ୍ୟ ହୋଇ "ଅତି କମ୍" ଟଙ୍କା ଦେଇ ରିମ୍‌ଝିମ୍ କଂପାନୀ ଏହାକୁ କିଣିନେଲା ??ଭାରତରେ ଏଭଳି "ଠକାମି" ସମସ୍ତଙ୍କର "ଦେହସୁହା" ହୋଇଗଲାଣି । ଆମ ଦେଶରେ ବଡବଡିଆମାନେ ବ୍ୟାଙ୍କ୍ ଋଣ ନେବେ । ସେମାନଙ୍କ ଜୀବନ ଏହି ଋଣ ଟଙ୍କାରେ ଅଏସ୍‌ରେ କାଟିଦେବେ । ଋଣ ଶୁଝିବା ସମୟ ଆସିଲେ "କଂପାନୀ ଟ୍ରିବ୍ୟୁନାଲ୍" ମାଧ୍ୟମରେ ନିଜକୁ "ଦେବାଳିଆ" ଘୋଷଣା କରିଦେଇ ଖସିଯିବେ ।ଶ୍ରମିକମାନଙ୍କ ଯୋଗୁଁ ଆମ ଦେଶ ଆଜି ଶକ୍ତିଶାଳୀ ହୋଇପାରିଛି । ରାତିଦିନ ଅତି ସ୍ୱଳ୍ପ ଦରମାରେ ଖଟି ଖଟି ସେମାନଙ୍କୁ ଗ୍ୟାସ୍‌ଟିକ୍ ଠାରୁ ଆରମ୍ଭ କରି ଅନେକଗୁଡିଏ ଦୁଃରାରୋଗ୍ୟ ହୋଇଯାଉଛି । ଶ୍ରମିକମାନଙ୍କ ପରିଶ୍ରମରେ ମାଲିକମାନେ କୋଟି କୋଟି ଟଙ୍କାର ଲାଭ କରୁଥିଲେ ମଧ୍ୟ ଶ୍ରମିକମାନଙ୍କ ପାଇଁ ସେମାନଙ୍କର ଟିକିଏ ହେଲେ ଦରଦ ଥିଲା ଭଳି ଲାଗୁନାହିଁ ।

## ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲିଥିବା ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): ଔଷଧ ଦୋକାନ କରିବା ପାଇଁ ଯେଉଁ ଲାଇସେନ୍ସର ଆବଶ୍ୟକତା ରହିଛି ତାହା ହାସଲ ନ କରି କେତେକ ଔଷଧ ଦୋକାନୀ ବ୍ୟବସାୟ କରୁଥିବା ଦେଖାଯାଇଛି । ସେହିପରି କେତେକ ଦୋକାନରେ ବେନାମୀ କମ୍ପାନୀର ଔଷଧ ମଧ୍ୟ ରଖାଯାଇ ବିକ୍ରୀ ହେଉଥିବା ଅଭିଯୋଗ ହୋଇଛି । ଏହାଦ୍ୱାରା ରୋଗୀଙ୍କ ଜୀବନ ଉପରେ ଗୁରୁତର ପ୍ରଭାବ ପଡୁଛି ବୋଲି କେନ୍ଦ୍ରାପଡା ଡ୍ରଗ ଇନ୍‌ସପେକ୍ଟରଙ୍କ ନିକଟରେ ଅଭିଯୋଗ ହୋଇଛି । ସମାଜସେବୀ ତପନ ଦାସ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗଣ୍ଡାକିଆ, ଏରା, କଂସାରରେ କେତେକ ଔଷଧ ଦୋକାନ ଖୋଲିଛି । ଏହି ଔଷଧ ଦୋକାନଗୁଡିକରେ ନିମ୍ନମାନର ଔଷଧ ରଖି ବିକ୍ରି କରାଯାଉଛି । ଏଥିସହ ଏହି ଦୋକାନ ଗୁଡିକର ବୈଧ ଲାଇସେନ୍ସ ମଧ୍ୟ ନାହିଁ । ଏହି ଦୋକାନଗୁଡିକ କରିଥିବା ବ୍ୟକ୍ତିମାନେ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ରୋଗୀଙ୍କୁ ସେବା ଆଳରେ ଲୁଟ୍ କରି ଚାଲିଛନ୍ତି । ଏହାଦ୍ୱାରା କେତେବେଳେ ଯେ ରୋଗୀର ଜୀବନ ବିପଦରେ ନ ପଡିବ ତାହା କହିହେବ ନାହିଁ । ତେଣୁ ଏହି ବେଆଇନ୍ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ନିକଟରେ ଅଭିଯୋଗ ହୋଇଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ମେଡ ଇନ ଇଣ୍ଡିଆ ସର୍ଜିକାଲ ରୋବଟ ଏସଏସଆଇ ମନ୍ତ୍ରା ପ୍ରଥମଥର ପାଇଁ ରାଜୀବ ଗାନ୍ଧୀ କ୍ୟାନସର ପ୍ରତିଷ୍ଠାନରେ ସ୍ଥାପିତ



ଭୁବନେଶ୍ୱର,(ପି.ଏନ): ରାଜୀବ ଗାନ୍ଧୀ କ୍ୟାନସର ପ୍ରତିଷ୍ଠାନ ଓ ଅନୁସନ୍ଧାନ କେନ୍ଦ୍ର, ନୂଆଦିଲ୍ଲୀ ନୂଆ ପୀଢ଼ିର ଭାରତୀୟ ମେଡ ଟେକ ଷ୍ଟାର୍ଟଅପ ଦ୍ୱାରା ପ୍ରସ୍ତୁତ ମେଡ ଇନ ଇଣ୍ଡିଆ ସର୍ଜିକାଲ ରୋବୋଟିକ ସିଷ୍ଟମ ଏସଏସଇ ମନ୍ତ୍ରା ସ୍ଥାପନ କରିଛି । ଏସଏସଇ ମନ୍ତ୍ରାକୁ ବିଶ୍ୱପ୍ରସିଦ୍ଧ କାର୍ଡିଆକ ରୋବୋଟିକ ସର୍ଜନ ଡ. ସୁଧିର ପି ଶ୍ରୀବାସ୍ତବ ଭାରତର ସର୍ଜିକାଲ ପଦ୍ଧତିରେ ପ୍ରୟୋଗ କରି ଏକ ନୂଆପୀଢିର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି, ଯାହା ଆମ ଦେଶର ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ।ଦୁଇଟି ପାଇଲଟ ପ୍ରୋଜେକ୍ଟ ପରେ ଆରଜିସିଆଇର ଡ. ସୁଧିର ରାୱଲ ଓ ତାଙ୍କ ଟିମ ସଫଳତାର ସହ ୨୬ଟି ଅସ୍ତ୍ରୋପଚାର କାର୍ଯ୍ୟ କରିଥିଲେ ଯାହା ଦ୍ୱାରା ସୁରକ୍ଷା ଓ ସଫଳତାକୁ ସୁନିଶ୍ଚିତ କରାଯାଇ ପାରିଥିଲା । ଗୁଣବତା ଓ ମୂଲ୍ୟ ଉପରେ ଆଧାର କରି ଏହି ବୈଷୟିକୀ ଦ୍ୱାରା ଭାରତ ଓ ଭାରତ ବାହାରେ ବହୁ ରୋଗୀ ଉପକୃତ ହୋଇପାରିବେ । ଏହି ମହତ କାର୍ଯ୍ୟ ସଂପର୍କରେ ଆରଜିସିର ମେଡିକାଲ ନିର୍ଦ୍ଦେଶକ ଡ. ସୁଧିର ରାୱଲ କହିଛନ୍ତି ଯେ 'ମୋର ଅନେକ ରୋଗୀଙ୍କ ପାଇଁ ମୁଁ ଏହି ଏସଏସଆଇ ମନ୍ତ୍ରାକୁ ବ୍ୟବହାର କରିଛି । ଯଦ୍ଦ୍ୱାରା ମୁଁ ଅନେକ ଜଟିଳ ଅସ୍ତ୍ରୋପଚାର କାର୍ଯ୍ୟକୁ ସହଜରେ ଓ ସଫଳତାର ସହ କରି ପାରିଛି । ମୂଲ୍ୟ ଓ ଗୁଣବତା ଯୋଗୁ ଭାରତ ଓ ଭାରତ ବାହାରେ ବହୁ ରୋଗୀ ଉପକୃତ ହୋଇ ପାରିବେ । ଦକ୍ଷିଣ ଏସିଆରେ ପ୍ରଥମ କଂପାନି ହୋଇ ଏହି ନୂଆ ପୀଢ଼ିର ଏସଏସଆଇ ମନ୍ତ୍ରା ଆରମ୍ଭ କରାଯାଇଛି । ଏହା ହେଉଛି ଏକ ବୈଷୟିକ ସମୃଦ୍ଧ ରୋବୋଟିକ ସିଷ୍ଟମ ଯାହା ବିଦ୍ୟମାନ ସର୍ଜିକାଲ ପ୍ରଣାଳୀଠାରୁ ବହୁ ଉନ୍ନତ ଓ ସୁଲଭ ଅଟେ । ସଠିକତା, ବୈଷୟିକ ସମୃଦ୍ଧ ଓ ମୂଲ୍ୟ କମ ରହୁଥିବାରୁ ଏହା ସାଧାରଣ ଲୋକମାନଙ୍କ ପାଇଁ ବହୁ ସହାୟକ ହେବ ।ଡ. ସୁଧିର ଶ୍ରୀବାସ୍ତବ, ପ୍ରତିଷ୍ଠାତା, ଚେୟାରମ୍ୟାନ ଓ ସିଇଓ, ଏସଏସ ଇନୋଭେସନ ରୋବୋ ଡକ୍ଟର ଭାବେ ଜଣାଶୁଣା । ଏହି ଅବସରରେ ସେ କହିଛନ୍ତିଯେ 'ସଫଳତାକୁ ଆଧାର କରି ମୁଁ ଭାରତରେ ଏହାର ପ୍ରଚଳନ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ମୋର ଲକ୍ଷ୍ୟ ଭାରତର ରୋଗୀମାନେ ସୁଲଭ ମୂଲ୍ୟରେ ଚିକିତ୍ସା ସେବା ପାଆନ୍ତୁ । ଏହା ଦ୍ୱାରା ବହୁ ଜଟିଳ ଅସ୍ତ୍ରୋପଚାର କାର୍ଯ୍ୟକୁ ସଫଳତାର ସହ କରାଯାଇ ପାରିବ । ଆମେ ଏସଏସଆଇରେ ଭାରତରେ କିଛି ପ୍ରତିଭାବାନ ଇିନିୟର ଓ ଉଚ୍ଚ ସ୍ତରୀୟ ବୈଜ୍ଞାନିକଙ୍କ ସାହାଯ୍ୟରେ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେଇ ପାରିଛୁ ।'ଏହା ବ୍ୟତୀତ ଡ. ସୁଧିର ପି ଶ୍ରୀବାସ୍ତବ ଓ ଡ.ସୁଧିର କେ. ରାୱଲ (ମେଡିକାଲ ନିର୍ଦ୍ଦେଶକ, ଆରଜିସିଆଇ), ଡ.ସୋମାଶେଖର ଏସପି (ଚେୟାରମ୍ୟାନ ଓ ଏଚଓଡି ସର୍ଜିକାଲ ଅଙ୍କୋଲୋଜି, ମଣିପାଲ କଂପ୍ରେନସିଭ କ୍ୟାନସର କେୟାର ସେଂଟର) ଓ ଡ. ଅରୁଣ ପ୍ରସାଦ (ବାରିଆଟ୍ରିକ ଓ ରୋବୋଟିକ ସର୍ଜନ, ଆପୋଲୋ ହସପିଟାଲ) ମଧ୍ୟ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅତ୍ୟାଧୁନିକ ଏସଏସଆଇ ମନ୍ତ୍ରା ମଡ୍ୟୁଲାର ନମନୀୟ ଓ ବହୁମୁଖୀ ଯାହା ଅଜି ପର୍ଯ୍ୟନ୍ତ ସଜିକାଲ ରୋବୋଟିକ ମାର୍କେଟରେ ପ୍ରାଧାନ୍ୟ ଅର୍ଜନ କରିଆସିଛି । ଭବିଷ୍ୟତ ପାଇଁ ଏସଏସ ମନ୍ତ୍ରାକୁ ଆହୁରି ଅଧିକ ଉନ୍ନତ ତଥା ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଯଦ୍ଦ୍ୱାରା ସୁଲଭ ମୂଲ୍ୟରେ ରୋଗୀମାନଙ୍କ ପାଇଁ ଏହାର ଉପଲବ୍ଧତା ବ୍ୟାପକ ହେବ ।





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଦୁଇ ୱାରେଂଟି ଗିରଫ

ଧର୍ମଶାଳା, (ପିଏନ୍): ଜେନାପୁର ଥାନା ପୁଲିସ ପକ୍ଷରୁ ୱାରେଂଟି ଗିରଫକୁ ଜୋରଦାର କରାଯାଇଛି । ଗତକାଲି ୩ ଜଣ ୱାରେଂଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଆଜି ୨ ଜଣ ୱାରେଂଟିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବିଭିନ୍ନ କେଶରେ ୱାରେଂଟ ଥିବା ଏହି ଥାନା ନିମିଟିସାହିର ଅଜୟ ଦେଉରୀ (୪୦) ଓ ସମ୍ଭାରୁ ଗ୍ରାମର ଯୋଗେନ୍ଦ୍ର ବେହେରା (୩୩)ଙ୍କୁ ଗତକାଲି ରାତିରେ ଜେନାପୁର ପୁଲିସ ଗିରଫ କରିଥିଲା । ଆଜି ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ପଡୋଶୀ ଆକ୍ରମଣକାରୀ ଗିରଫ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବେଲଗାଡିଆ ଗ୍ରାମରେ ପଡୋଶୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ବେଲଗାଡିଆ ଗ୍ରାମର ଅଜୟ ରାଉତ (୪୫)ଙ୍କ ତାଙ୍କ ପଡୋଶୀ ଗୋପାଳ ପ୍ରଧାନଙ୍କ ସହିତ କୌଣସି କାରଣକୁ ନେଇ ମାଡପିଟ ହୋଇଥିଲା । ଏଥିରେ ଗୋପାଳ ଆହତ ହୋଇଥିଲେ । ଏନେଇ ସେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ୧୮୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ଅଜୟକୁ ଗତକାଲି ରାତିରେ ଗିରଫ କରିଥିଲା । ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ନାବାଳିକା ଉଦ୍ଧାର, ଅପହର୍ତା ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୁଲିସ୍ ଉଦ୍ଧାର କରିଥିବା ବେଳେ ଅପହର୍ତାକୁ ପୁଲିସ୍ ଗିରଫ କରିଛି । ଗିରଫ ଯୁବକ ବଡ଼ଚଣା ଥାନା ସୁଙ୍ଗୁଡ଼ା ଗ୍ରାମର ସାଗର ଯେନା(୨୨)ଙ୍କୁ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଗତମାସରେ ନାବାଳିକା ଅପହରଣ ନେଇ ତାଙ୍କ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଏତଲା ଦିଆଯାଇଥିଲା । ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ତେବେ ଗତକାଲି ପୁଲିସ୍ ଚଢ଼ଉ କରି ଉଭୟଙ୍କୁ ବଡ଼ଚଣା ଥାନା ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଥିଲା । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି । ସୂଚନା ଯୋଗ୍ୟ, ୫ମାସ ପୂର୍ବେ ସାଗର ଉକ୍ତ ନାବାଳିକାଙ୍କୁ ଅପହରଣ କରି ଜେଲ୍ ଯାଇଥିଲା ।

# ଓଡ଼ିଶାରୁ ବାହାରିବେ ବିଶ୍ୱସ୍ତରୀୟ ସନ୍ତରଣକାରୀ

### ସନ୍ତରଣର ବିକାଶ ନେଇ କିସ୍ ଓ ଗ୍ଲେନ୍‌ମାର୍କ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣା



ଭୁବନେଶ୍ୱର,(ପି.ଏନ): ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତା ନିମନ୍ତେ ତୃଣମୂଳସ୍ତରରୁ ସନ୍ତରଣକାରୀ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଗ୍ଲେନ୍‌ମାର୍କ ଫାର୍ମାସିଉଟିକାଲ୍ ଲିମିଟେଡ୍‌ର ସିଏସ୍ଆର୍ କାର୍ଯ୍ୟକ୍ରମ ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେସନ୍ ଓ କିସ୍ ମଧ୍ୟରେ ଶନିବାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ରରେ ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେସନ୍ ପକ୍ଷରୁ ଏହାର ଅପରେସନ୍ ମୁଖ୍ୟ ବିଜୟ ଭରଦ୍ୱାଜ ଓ କିସ୍ ପକ୍ଷରୁ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ସ୍ୱାକ୍ଷର କରିଥିଲେ । ଓଡ଼ିଶାରେ ତୃଣମୂଳସ୍ତରରୁ ସନ୍ତରଣକାରୀ ସୃଷ୍ଟି କରିବା ପାଇଁ ଗ୍ଲେନ୍‌ମାର୍କ ଓ କିସ୍ ମଧ୍ୟରେ ୧୨ବର୍ଷିଆ ଚୁକ୍ତି ସ୍ୱାକ୍ଷର ହୋଇଛି । ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀଙ୍କୁ ସନ୍ତରଣରେ ତାଲିମ ପ୍ରଦାନ କରାଯିବା ସହ ଏହାକୁ ଏକ ପ୍ରତିଯୋଗୀମୂଳକ କ୍ରୀଡ଼ା ଭାବେ ଗ୍ରହଣ କରିବା ନେଇ ପ୍ରୋତ୍ସାହିତ କରାଯିବ । ଦକ୍ଷିଣ ଆଫ୍ରିକାର ଅଭିଜ୍ଞ କୋଚ ଇଆନ୍ ଏଲ୍ସ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେବେ । ଏହି ବୁଝାମଣାପତ୍ର ଅନୁସାରେ ଦୀର୍ଘ କାଳୀନ କ୍ରୀଡ଼ାବିତ୍ ବିକାଶ ନିମନ୍ତେ ବିଶ୍ୱ ନୀତି ଅନୁସରଣ କରି ଓଡ଼ିଶା ଓ ଭାରତ ପାଇଁ ଅନ୍ତର୍ଜାତୀୟ ସନ୍ତରଣକାରୀ ସୃଷ୍ଟି କରାଯିବ । ଏହି ବୁଝାମଣା ଅନୁଯାୟୀ ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେସନ୍ କିଟ୍ ଓ କିସ୍‌ରେ ସନ୍ତରଣକାରୀଙ୍କୁ ତାଲିମ ଯୋଗାଇ ଦେବା ସହ ସନ୍ତରଣ କୋଚ୍‌ଙ୍କୁ ତାଲିମ୍ ଏବଂ ସନ୍ତରଣ କୋଚ୍ ହେବା ପାଇଁ ଲକ୍ଷ୍ୟ ରଖିଥିବା ସନ୍ତରଣକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେବ । ପ୍ରଥମ ପର୍ଯ୍ୟାୟରେ କିସ୍‌ର ୧୦ଜଣ ପ୍ରାକ୍ତନ ସନ୍ତରଣକାରୀଙ୍କୁ ଏଥିରେ ନିଆଯାଇ କୋଚ୍ ଭାବେ ତାଲିମ ପ୍ରଦାନ କରାଯିବ । ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିସ୍ ସର୍ବଦା କ୍ରୀଡ଼ାକୁ ଗୁରୁତ୍ୱ ଦେଇ ଆସିଛି । ଓଡ଼ିଶା ସରକାର ମଧ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ଦିଗରେ ସହଯୋଗ କରିଆସିଛନ୍ତି । କିଟ୍ ଓ କିସ୍‌ର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ରାଜ୍ୟ ତଥା ଦେଶକୁ ଗୌରବ ଆଣି ଦେଉଥିବା ବେଳେ ଏହା ଦ୍ୱାରା ଆମ କ୍ରୀଡ଼ାବିତ୍‌ମାନେ ସନ୍ତରଣ କ୍ଷେତ୍ରରେ ମଧ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ । କିସ୍ ଓ ଗ୍ଲେନ୍‌ମାର୍କ ଫାଉଣ୍ଡେସନ୍‌ର ମିଳିତ ପ୍ରୟାସରେ କିସ୍ ଓ ଓଡ଼ିଶାରୁ ବିଶ୍ୱସ୍ତରୀୟ ସନ୍ତରଣକାରୀ ବାହାରିପାରିବେ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍‌ମାର୍କ ଫାର୍ମାସିଉଟିକାଲ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଗ୍ଲେନ୍ ସାଲଦାନା, ଆକ୍ୱାଟିକ୍ ଫାଉଣ୍ଡେସନର ପ୍ରତିଷ୍ଠାତା ନେହା ସାଲଦାନା, ସୁଇମିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସଭାପତି ଆର ଏନ୍ ଜୟପ୍ରକାଶ, ଉପସଭାପତି କମଳେଶ ନାନାବତୀ, ମହାସଚିବ ମୋନାଲ ଚୋକ୍ସୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦୁଝର ଜିଲ୍ଲାରେ ୬୭ଟି ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ୨୦୮ ଟି ସରକାରୀ ହାଇସ୍କୁଲ ମଧ୍ୟରୁ ୧୩୬ ଟି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ୬୭ ଟି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନାହାଁନ୍ତି । ବିନା ପ୍ରଧାନ ଶିକ୍ଷକରେ ସରକାରୀ ହାଇସ୍କୁଲ ଚାଲିଥିବାରୁ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଛି । ବିଦ୍ୟାଳୟ ପରିଚାଳନା ବିଭ୍ରାଟ,ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା,ପାଠ ପଢା ତଦାରଖର ଅଭାବ,ସରକାରଙ୍କ ପାଖରୁ ମଗାଯାଉଥିବା ବିଭିନ୍ନ ରିପୋର୍ଟ ଦେବାରେ ସମସ୍ୟା ଦେଖାଦେଇଛି । ରାଜ୍ୟ ସରକାର ସମସ୍ତ ସରକାରୀ ହାଇସ୍କୁଲ କୁ ୫ଟିରେ ରୂପାନ୍ତରୀକରଣ କରିଛନ୍ତି । ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତିରେ ସରକାର ବିଳମ୍ବ କରୁଛନ୍ତି । କୌଣସି ହାଇସ୍କୁଲରେ ପ୍ରଧାନଶିକ୍ଷକଙ୍କ ପଦୋନ୍ନତି ବା ଅବସର ପରେ ଆଉ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି । ସ୍କୁଲ ପରିଚାଳନା ପାଇଁ ସବୁଠି ସମସ୍ୟା ଦେଖାଦେଇଛି । ୫ଟି ସରକାରୀ ହାଇସ୍କୁଲରେ ସରକାରଙ୍କ ବିଭିନ୍ନ ଅନୁମୋଦନ ଅର୍ଥ କିପରି ଓ କାହା ମାଧ୍ୟମରେ ଖର୍ଚ୍ଚ ହେଉଛି ,ତାହା ମଧ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେବଳ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କଲେ କଣ ଶିକ୍ଷାର ଉନ୍ନତି ହେବ ବୋଲି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ରନାଥ ପଣ୍ଡା କହିଛନ୍ତି । ଜୁନ ମାସ ୩୦ ତାରିଖ ରେ କେନ୍ଦୁଝର ଜିଲ୍ଲାରେ ୪ ଜଣ ପ୍ରଧାନ ଶିକ୍ଷକ ଅବସରଗ୍ରହଣ କରିଛନ୍ତି । ଜନକଲ୍ୟାଣ ହାଇସ୍କୁଲ ଦହକଟାର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ସାହୁ,ଜଗନ୍ନାଥ ବିଦ୍ୟାମନ୍ଦିର ଅଶୋକନଗର ବାତୋ ର ପ୍ରଧାନ ଶିକ୍ଷକ ଚିନ୍ତାମଣୀ ସାହୁ,ଜନତା ଉଚ୍ଚ ବିଦ୍ୟାଳୟ ଜିରାଙ୍ଗ ର ପ୍ରଧାନ ଶିକ୍ଷୟିତ୍ରୀ ଛବି ମହାନ୍ତ,ଜନତା ହାଇସ୍କୁଲ ଗୋବର୍ଦ୍ଧନ ପ୍ରଧାନ ଶିକ୍ଷକ ରଙ୍ଗାଧର ମହାନ୍ତ ଅବସରଗ୍ରହଣ କରିଛନ୍ତି । ରାଜ୍ୟ ସରକାର ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ୨୦୨୧, ନଭେମ୍ବର ମାସରୁ ଯୋଗ୍ୟ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରିଥିଲେ ମଧ ଏ ଯାଏଁ କ୍ୟାଡର ଲିଷ୍ଟ ପ୍ରକାଶ କରାଯାଇ ନାହିଁ କି ପଦୋନ୍ନତି ଦିଆଯାଉନାହିଁ ।

## ଲେଉଟିଲେ ହାତୀପଲ, ଧାନ ତଳି କଲେ ବ୍ୟାପକ ନଷ୍ଟ



ଢେଙ୍କିକୋଟ,(ପି.ଏନ):କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳରୁ କିଛିଦିନର ବ୍ୟବଧାନ ପରେ ପୁଣି ଲେଉଟିଛନ୍ତି ୧୧ ଟିକିଆ ହାତୀପଲ । ଏହି ହାତୀପଲ ଗତ ଦୁଇଦିନ ହେଲା କଣ୍ଟିଆପଡା ପଂଚାୟତ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ଡେରା ପକାଇ ଥିବାବେଳେ ଆଖପାଖ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି । ବିଶେଷ କରି ବିଭିନ୍ନ ସ୍ଥାନରେ ଥିବା ଧାନତଳିକୁ ଖାଇବା ସହ ମାଡିଦଳି ନଷ୍ଟ କରି ଦେଉଛନ୍ତି । ଏହି ହାତୀପଲରେ ୩ଟି ଦନ୍ତା, ୬ଟି ମାଇ ଓ ଦୁଇଟି ଛୁଆ ହାତୀ ଥିବା ଜଣାପଡିଛି । ଖିରେଇଟାଙ୍ଗିରୀ ବନପାଳ ସୁନିତା ବଘେଲ ଓ ବନବିଭାଗ କର୍ମଚାରୀ ଏହି ହାତୀପଲ ଉପରେ ନଜର ରଖିଥିବା ବନବିଭାଗ ସୂଚନା ଦେଇଛି । ତେବେ ଗାଁ ନିକଟରେ ଏହି ହାତୀପଲ ରହୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ତେଣୁ ଏହି ହାତୀପଲକୁ ଘଉଡାଇବା ପାଇଁ ସାଧାରଣରେ ଦାବି ହୋଇଛି ।

# ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ପାଦୁକା ରଥ ପରିଭ୍ରମଣ



ଧର୍ମଶାଳା, (ପିଏନ୍): ଭଗବାନ ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ବାଣୀ, ଦିବ୍ୟ ସନ୍ଦେଶ ଓ ଦିବ୍ୟ ଚେତନା ସମାଜରେ ସୃଷ୍ଟି କରିବା ପାଇଁ 'ଦିବ୍ୟ ପାଦୁକା' ରଥ ସମଗ୍ର ରାଜ୍ୟରେ ପରିଭ୍ରମଣ କରିବାକୁ ରାଜ୍ୟ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ନିଷ୍ପତି ନିଆଯାଇଛି । ପବିତ୍ର ଗୁରୁ ପୂର୍ଣ୍ଣିମାରୁ ଏହି ପାଦୁକା ଯାତ୍ରା ପ୍ରସିଦ୍ଧ ଶୈବ ପୀଠ ମହାବିନାୟକରୁ ଆରମ୍ଭ ହୋଇଥିଲା । ଏଥିରେ ରାଜ୍ୟ ସତ୍ୟସାଇ ସଂଗଠନର ଉପସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ, ଜିଲ୍ଲା ସଭାପତି ଡା. ନିଶିକାନ୍ତ କର ଓ ଅନ୍ୟାନ୍ୟ କର୍ମକର୍ତାଙ୍କ ସହ ରାଜ୍ୟର ବିଭିନ୍ନ ଜିଲ୍ଲାର ସଭାପତି ଓ ଆବାହକମାନେ ଯୋଗଦେଇଥିଲେ । ଜିଲ୍ଲା ସତ୍ୟସାଇ ସେବା ସଂଗଠନ ଯାଜପୁର ଆନୁକୂଲ୍ୟରେ ସତ୍ୟସାଇ ସେବା ସମିତି ଜାରକା ଓ ସାଇ ଆରୋଗ୍ୟମ ପକ୍ଷରୁ ପ୍ରସ୍ତୁତି କରାଯାଇ ଭୋର ସାଢେ ୪ଟାରୁ ଓଁକାରମ, ସୁପ୍ରଭାତମ, ନଗର ସଂକୀର୍ତନ, ଷୋଡଶ ଉପଚାର ପୂଜା ଶ୍ରୀ ସତ୍ୟସାଇ ସହସ୍ରନାମାର୍ଚ୍ଚନା, ସାମୁହିକ ଭଜନ, ବେଦ ପାଠ କରାଯିବା ପରେ ଦର୍ପଣଗଡ, ସୁଭଦ୍ରାପୁର, କ୍ଷେତ୍ରପାଳ, ନିଶିମଳା, ଗଙ୍ଗାଧରପୁର, କୁମାରୀ, ଚତ୍ରପଦା, କଂଟିଗଡିଆ, କୃଷ୍ଣଦାସପୁର, ଧାଉଡିଆପଦା, ଉଦୟଗିରି, ରଇପୁର, ବାଲିଆ, ତାଲୁଆ, ବାଲିକୁଦା, ହାଟସୀମା, ନାଥପୁର, ବାଙ୍କସାହି, ବାଲିଆ, ନହଣ, ରମାପୁର, କାଏମା, ନାଉପାଳ, ଉତରଶାସନ, ବୁ, ଅଚ୍ୟୁତପୁର, ନିଳାଦେଇପୁର, ଚାନ୍ଦପୁର, ବାଲିଗରି, ବଡମଙ୍ଗଳପୁର, ଚୋରମୁହାଁ, ଚହଟା, ଭାଲୁଖାଇ ପ୍ରମୁଖ ଗ୍ରାମ ଓ ସତ୍ୟସାଇ ଭଜନମଣ୍ଡଳୀ ପରିଭ୍ରମଣ କରିବା ବେଳେ ଶତାଧିକ ଶ୍ରଦ୍ଧାଳୁମାନେ ପାଦୁକା ରଥକୁ ସମ୍ବର୍ଦ୍ଧନା ସହ ପୂଜାର୍ଚ୍ଚନା କରି ସାନିଧ୍ୟ ଲାଭ କରିଥିଲେ । ଆଜି ସକାଳୁ ଦିବ୍ୟ ପାଦୁକା ରଥକୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ଚଉଷଠିପଡାରେ ସାଥୁଆପାଟଣା ସମିତିକୁ ହସ୍ତାନ୍ତର କରାଯାଇଥିଲା । ରାଜ୍ୟ ସତ୍ୟସାଇ ଟ୍ରଷ୍ଟ ବୋର୍ଡ ସଦସ୍ୟ ରଶ୍ମିରଂଜନ ରାୟ, ଜାରକା ସମିତି ଆବାହକ ତଥା ଜିଲ୍ଲା ପାଦୁକା ଯାତ୍ରା ଇନଚାର୍ଜ ସୁଶାନ୍ତ କୁମାର ନାୟକ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ବଟକୃଷ୍ଣ ମଳିକ, ଅର୍ଜୁନ ଚରଣ ରାଉତ, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ନିରଂଜନ ଶ୍ୟାନ୍ତି, ରଂଜନ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ଗଗନ ବିହାରୀ ଦତ, ମଦନାନ୍ଦ ମଳିକ, ସୋରଭ କୁମାର ଜେନା, ସୁବାସ ସାହୁ, ସିଦ୍ଧାର୍ଥ ଶଙ୍କର ବିଶ୍ୱାଳ, ସତ୍ୟ ନାରାୟଣ ରାୟ, ଅକ୍ଷୟ କୁମାର ବେହେରା, ପ୍ରଫୁଲ୍ଲ କୁମାର ଜେନା, ଯତୀନ୍ଦ୍ର ମୋହନ ଦାସ, ବାଳବିକାଶ ଗୁରୁମା ପ୍ରମୋଦିନୀ ସାମଲ, ନମିତା ଶ୍ୟାନ୍ତି, ମିନତୀ ବିଶ୍ୱାଳ, ଅରୁନ୍ଧତୀ ସାହୁ, ଶିକ୍ଷା ସୋନାଲି ଦତ, ପ୍ରତିମା ସାହୁ, ମହିଳା ସେବା ସଂଯୋଜିକା ପ୍ରଣତି ନାୟକ ସମେତ ସମିତିର ସମସ୍ତ ଭାଇଭଉଣୀମାନେ ୩ଦିନ ବ୍ୟାପୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray